୬ ଆଫଗାନିସ୍ତାନକୁ ୩୦୦ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୨୯ ● ୯ ଜୁନ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-129 ● 9th June 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


15001/55/2627

ସତ୍ୟମେବ ଜୟତେ

ଭାରତ ସରକାର



ଯାହାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ ସେବା ଓ ରାଷ୍ଟ୍ରହିତ ପ୍ରତି ଅଟଳ ପ୍ରତିବଦ୍ଧତାର ପ୍ରତୀକ,
ଯାହାଙ୍କ ପାଇଁ ଜନକଲ୍ୟାଣ ହିଁ ଜୀବନ ସାଧନା, ଏପରି **ସେବା-ବ୍ରତୀ ନରେନ୍ଦ୍ର ମୋଦୀଜୀ**ଙ୍କ ନେତୃତ୍ୱରେ
ଭାରତର ନିରନ୍ତର ପ୍ରଗତିର ସାକ୍ଷୀ ସମଗ୍ର ଦେଶ ହେଉଛି...

## 12 ବର୍ଷ ବିଶ୍ୱାସର, ବିକାଶର, ଜନକଲ୍ୟାଣର

### ଗରିବ କଲ୍ୟାଣ

- **୮୧ କୋଟି+** ଲୋକଙ୍କୁ ପ୍ରତି ମାସରେ ମାଗଣା ରାସନ
- **୪ କୋଟି+** ପ୍ରଧାନମନ୍ତ୍ରୀ ଆବାସ, **୧୦.୫ କୋଟି+** ଉଜ୍ଜ୍ୱଳା ଗ୍ୟାସ ସଂଯୋଗ ଏବଂ **୧୨ କୋଟି+** ଶୌଚାଳୟ

### ଯୁବ ଶକ୍ତି

- ପ୍ରାୟ **୨ କୋଟି** ଯୁବକ ଯୁବତୀଙ୍କୁ ଦକ୍ଷତା ତାଲିମ
- **₹୪୦ ଲକ୍ଷ କୋଟି** ମୂଲ୍ୟର ମୁଦ୍ରା ଋଣ
- ସାରା ଦେଶରେ **୨.୨ ଲକ୍ଷ ଷ୍ଟାର୍ଟଅପ୍**
- **୧୦,୦୦୦+ ଅଟଳ** ଟିଙ୍କରିଙ୍ଗ ଲ୍ୟାବ୍(ATL) ନବସୃଜନକୁ ପ୍ରୋତ୍ସାହିତ କରୁଛନ୍ତି

### କୃଷକ କଲ୍ୟାଣ

- **₹୪.୩ ଲକ୍ଷ କୋଟି** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି
- **୪ କୋଟି+** ଚାଷୀଙ୍କ ପାଇଁ **₹୨ ଲକ୍ଷ କୋଟି**ର ଫସଲ ବୀମା
- **ଏମ୍.ଏସ୍.ପି**ରେ **₹୨୬ ଲକ୍ଷ କୋଟି**ର ଫସଲ କ୍ରୟ
- **କିଷାନ କ୍ରେଡିଟ୍ କାର୍ଡ** ସହିତ **୮ କୋଟି ଚାଷୀ**

### ନାରୀ ଶକ୍ତି

- **୩୨ କୋଟି+** ମହିଳାଙ୍କର **ଜନ-ଧନ ଖାତା** ଖୋଲାଯାଇଛି
- ସେନାରେ ମହିଳାମାନଙ୍କୁ ମିଳିଲା **ସ୍ଥାୟୀ କମିଶନ**
- **୩ କୋଟି+ ଲକ୍ଷପତି ଦିଦି**
- **୧୦ କୋଟି** ଗ୍ରାମୀଣ ମହିଳା **୯୧ ଲକ୍ଷ+ ସେଲ୍ଫ ହେଲ୍ପ ଗ୍ରୁପ୍** ମାଧ୍ୟମରେ ହୋଇଛନ୍ତି ସଶକ୍ତ

### ସ୍ୱାସ୍ଥ୍ୟ

- **୭୦+** ବୟସ୍କ ଲୋକଙ୍କୁ ମଧ୍ୟ **₹୫ ଲକ୍ଷ**ର ମାଗଣା ଚିକିତ୍ସା
- **୭୦+ କୋଟି** ବ୍ୟକ୍ତିଙ୍କୁ **ଆୟୁଷ୍ମାନ ଭାରତ**ର ସୁରକ୍ଷା
- ଦେଶବ୍ୟାପୀ **୧୯,୦୦୦+ ଜନ-ଔଷଧି କେନ୍ଦ୍ର**ରେ **୯୦%** ପର୍ଯ୍ୟନ୍ତ ଶସ୍ତା ଔଷଧ

### ମଧ୍ୟମ ବର୍ଗ

- **₹୧୨.୭୫ ଲକ୍ଷ** ପର୍ଯ୍ୟନ୍ତ ବାର୍ଷିକ **ଆୟକର ଫ୍ରି**
- **UDAN ଯୋଜନା** ଅଧୀନରେ **୧.୬+ କୋଟି** ଯାତ୍ରୀ କମ୍ ଖର୍ଚ୍ଚରେ କରିଛନ୍ତି ବିମାନ ଯାତ୍ରା
- **MBBS** ସିଟ୍ ସଂଖ୍ୟା **୧୫୧%** ବୃଦ୍ଧିପାଇ **୧.୩ ଲକ୍ଷ**ରେ ପହଞ୍ଚିଲା

### ରାଷ୍ଟ୍ର ନିର୍ମାଣ

- **୨୬ଟି** ସହରରେ ପହଞ୍ଚିଲା **୧,୧୦୦+** କିମି **ମେଟ୍ରୋ ନେଟୱାର୍କ**
- ଦେଶସାରା ଚାଲୁଛି **୧୬୪ଟି ବନ୍ଦେ ଭାରତ ଟ୍ରେନ୍**
- ଅଟଳ ସେତୁ, ସୁଦର୍ଶନ ସେତୁ, ଚେନାବ ରେଳ ବ୍ରିଜ୍, ବୋଗିବିଲ୍ ବ୍ରିଜ୍, ପାମ୍ବନ ସମୁଦ୍ର ପୋଲ ଭଳି **ବଡ଼ ଭିତ୍ତିଭୂମି ନିର୍ମାଣ**
- **ଏୟାରପୋର୍ଟ** ସଂଖ୍ୟା ୭୪ରୁ ବୃଦ୍ଧିପାଇ **୧୬୪** ହେଲା

### ରାଷ୍ଟ୍ର ପ୍ରଥମ

- ପ୍ରାୟ **₹୩୮,୪୦୦ କୋଟି**ର ରେକର୍ଡ ପ୍ରତିରକ୍ଷା ରପ୍ତାନି
- **ନକ୍ସଲମୁକ୍ତ ଭାରତ**ର ସ୍ୱପ୍ନ ସାକାର, ଆତଙ୍କବାଦ ଉପରେ ହେଉଛି କଡ଼ା ପ୍ରହାର
- ଗୋଲାମୀ ମାନସିକତାରୁ ମୁକ୍ତି - ରାଜପଥ ହେଲା **କର୍ତ୍ତବ୍ୟ ପଥ**, ଛତ୍ରପତି ଶିବାଜୀଙ୍କ ମୁଦ୍ରାରୁ ପ୍ରେରିତ **ନୌସେନାର ନୂଆ ଧ୍ୱଜ**

### ଐତିହ୍ୟ ବିକାଶ

- ଅଯୋଧ୍ୟାରେ **ଭବ୍ୟ ରାମ ମନ୍ଦିର** ନିର୍ମାଣ
- କାଶୀ ବିଶ୍ୱନାଥ ଧାମ, ମହାକାଳ ମହାଲୋକ ଏବଂ କେଦାରନାଥ ଧାମର **କାୟାକଳ୍ପ**



OIPR : 15001/15001/2/26-27/0055

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୯ ଜୁନ୍ ୨୦୨୬ ମଙ୍ଗଳବାର





# ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସ୍ୱଚ୍ଛତା ରକ୍ଷା ଉପରେ ଗୁରୁତ୍ୱ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (SIR)- ୨୦୨୬ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଇ.ଆର୍.ଓ. ତଥା ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ପଦ୍ମପୁର ସରୋଜିନୀ ପ୍ରସନ୍ କୁଲ୍ଲୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଭିନ୍ନ ସଂଗଠନର ପ୍ରତିନିଧି ତଥା କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟତଃ ୨୦୨୬ ମସିହାର ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ଏନ୍ୟୁମେରେସନ୍ ଫର୍ମ ଦାଖଲ ଏବଂ ଏହି ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ଭୋଟର ତାଲିକାରେ ନୂତନ ନାମ ପଞ୍ଜିକରଣ ଏବଂ ସଂଶୋଧନ କାର୍ଯ୍ୟକୁ ଅଧିକ ବ୍ୟାପକ ଓ ସ୍ୱଚ୍ଛ କରିବା ଦିଗରେ ସହଯୋଗ କରିବା ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଉପଜିଲ୍ଲାପାଳ ହେମସାଗର ଭୋଇ, ଡେପୁଟୀ କଲେକ୍ଟର ଭବାନୀ ଶଙ୍କର ମହନ୍ତ ଏହି ପ୍ରକ୍ରିୟାର ପ୍ରତିଟି ତଥ୍ୟକୁ ଉପସ୍ଥିତ ସଂଗଠନର ପ୍ରତିନିଧିମାନଙ୍କୁ ଜଣାଇଥିଲେ ଓ ତାଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। 'ଭୋଟର ତାଲିକା ସଂଶୋଧନରେ ଫର୍ମ-୬ ନୂତନ ପଞ୍ଜିକରଣ ପାଇଁ ବ୍ୟବହୃତ ହେଉଥିବା ବେଳେ, BLO ମାନେ ଏନୁମେରେସନ୍ ଫର୍ମ ମାଧ୍ୟମରେ ଘରକୁ ଘର ବୁଲି ସଠିକ୍ ତଥ୍ୟ ସଂଗ୍ରହ କରୁଛନ୍ତି। ଏହି ଉଭୟ ଫର୍ମର ସଦୁପଯୋଗ ଦ୍ୱାରା ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଓ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଅଂଶଗ୍ରହଣ ସୁନିଶ୍ଚିତ ହୋଇପାରିବ ବୋଲି ଡେପୁଟି କଲେକ୍ଟର ଭବାନୀ ଶଙ୍କର ମହନ୍ତ ଅବଗତ କଲେ। ଉକ୍ତ ବୈଠକରେ ସହରର ବିଭିନ୍ନ ସଂଗଠନ ଯଥା- ନାଗରିକ କମିଟି, ବରିଷ୍ଠ ନାଗରିକ କମିଟି, ଓକିଲ ସଂଘ, ବ୍ୟବସାୟୀ ସଂଘ, ସାଂସ୍କୃତିକ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଉପସ୍ଥିତ ରହି ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସହମତି ପ୍ରକାଶ କରିଥିଲେ।




# ଡିଭାଇନ୍ ସହ ଓକେସିଏଲ୍‌ର ବୁଝାମଣା ସ୍ୱାକ୍ଷରିତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବାରିପଦା ସ୍ଥିତ ଡିଭାଇନ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ଓ ଭୁବନେଶ୍ୱର ସ୍ଥିତ ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ ସହିତ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ଅଧିନସ୍ଥ ଓକେସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଳ ଏବଂ ଡିଭାଇନ୍ ଗ୍ରୁପ୍ ଅଫ ଇନ୍‌ଷ୍ଟିଚ୍ୟୁସନ୍ସର ନିର୍ଦ୍ଦେଶକ ତଥା ଟ୍ରଷ୍ଟି ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ପତ୍ର ଅଦଳ ବଦଳ ହୋଇଥିଲା । ବିକଶିତ ଓଡ଼ିଶା ଓ ଭାରତ ବର୍ଷ ପାଇଁ ଆବଶ୍ୟକ ହେଉଥିବା ଯୁବ ପିଢ଼ିଙ୍କୁ ଦକ୍ଷ ବୃଦ୍ଧି କରାଇବା ସହ ରାଜ୍ୟ ତଥା ଦେଶର ଦକ୍ଷତା ବଢାଇବାରେ ଓକେସିଏଲ୍‌ର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଏହି ପରିପ୍ରେକ୍ଷୀରେ ଡିଭାଇନ୍ ସହ ଓକେସିଏଲ୍‌ର ବୁଝାମଣା ଆଗାମୀ ଦିନରେ ବାରିପଦା ତଥା ମୟୂରଭଞ୍ଜର ଅନେକ ଯୁବକ ଏବଂ ଯୁବତୀ ନିଜର ଦକ୍ଷତା ବିକାଶ କରିବା ସହ ନିଜକୁ ରୋଜଗାରକ୍ଷମ କରାଇବାରେ ନିଜେ ହିଁ ସହାୟକ ହେବେ । ଡିଭାଇନ୍ ଗ୍ରୁପର ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡେଇ ଆଗାମୀ ଦିନ ମାନଙ୍କରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର ଏକ ସମୃଦ୍ଧ ରାଷ୍ଟ୍ର ଗଠନ କରିବାରେ ସହାୟକ ହେବ ବୋଲି ମତବ୍ୟକ୍ତ କରିଥିଲେ।

# ଜବରଦଖଲକାରୀଙ୍କ କବ୍‌ଜାରୁ ସରକାରୀ କ୍ୱାର୍ଟର ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସହ ଏକ ୧୨ ଜଣିଆ ଉଚ୍ଚ ସ୍ତରୀୟ ପ୍ରାଶାସନିକ ଅଧିକାରୀ ଦଳ ସହରର ବିଭିନ୍ନ ସ୍ଥାନରେ ଥିବା ଜବର ଦଖଲ ସରକାରୀ କ୍ୱାର୍ଟର ଗୁଡ଼ିକୁ ହଠାତ୍ ପରିଦର୍ଶନ କରି ଚିହ୍ନଟ କରିଛନ୍ତି। ବିନା ଏଲଟ୍ ମେଣ୍ଟରେ ରହୁଥିବା ତଥା ଦୀର୍ଘ ବର୍ଷରୁ ଅନ୍ୟତ୍ର ବଦଳି ହୋଇଥିବା ସତ୍ତ୍ୱେ ଘର ଛାଡ଼ିନଥିବା ଓ ଘର ଭଡ଼ା ଦେଉନଥିବା ଏଭଳି ଅନେକ ଗୁଡ଼ିଏ ଜବର ଦଖଲ ସରକାରୀ ଘର ଗୁଡିକୁ ତୁରନ୍ତ ଖାଲି କରିବାକୁ ଓ ଏହାର ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନିକ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲ୍ଲାପାଳ । ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସମେତ ଏଡିଏମ୍ ରାଜେନ୍ଦ୍ର ମାଝୀ, ଏଡିଏମ୍ ଅଞ୍ଜଳିନା ପଧାନ, ଉପଜିଲ୍ଲାପାଳ ଡ ସୌମ୍ୟରୂପା ରଥ, ସୋନପୁର ବିଡିଓ ପ୍ରତୀକ କର, ଦୁଇ ଜଣ ଡେପୁଟି କଲେକ୍ଟର, ଦୁଇ ଜଣ ଆସିଷ୍ଟାଣ୍ଟ କଲେକ୍ଟର, ଏମର୍ଜେନ୍ସି ଅଫିସର, ସ୍ଥାନୀୟ ତହସିଲଦାର, ଆର୍.ଆଇ ପ୍ରମୁଖ ୧୨ ଜଣିଆ ପ୍ରଶାସନିକ ଅଧିକାରୀ ଟିମ୍ ସକାଳ ୭ଟାରୁ ୯.୩୦ ଯାଏ ସହରର ମହାବୀର କଲୋନୀ, କ୍ଲଷ୍ଟର କ୍ୱାର୍ଟରସ୍, ବ୍ଲକ୍ କଲୋନୀ କ୍ଲଷ୍ଟର କ୍ୱାଟର ଓ ବିଭିନ୍ନ କଲୋନୀ ପରିଦର୍ଶନ କରି ଜବର ଦଖଲକାରୀ କର୍ମଚାରୀ ଓ ଅଫିସରଙ୍କୁ ତାଗିଦ କରିଥିଲେ। ଜିଲ୍ଲାପାଳଙ୍କ ସହିତ ଏହି ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଆକ୍ସନ୍ ମୁଡ୍‌କୁ ଦେଖି ଜବର ଦଖଲକାରୀ ସରକାରୀ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଦେଖାଯାଇଛି ।

# ପିକ୍‌ନିକ୍‌ରେ ଯାଇ ଗାଧୋଇବା ବେଳେ ଛାତ୍ର ନିଖୋଜ

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ସମଗ୍ର ରାଜ୍ୟର ମାତ୍ରାଧିକ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଅନେକ ଯୁବଗୋଷ୍ଠୀ ବଣ ଜଙ୍ଗଲ ପରିବେଶରେ ବଣଭୋଜି କରୁଥିବା ଦେଖିବାକୁ ମିଳୁଛି। ତେବେ ଏମତିଆ ଏକ ବଣଭୋଜି ଆସର ଆରମ୍ଭ ପୂର୍ବରୁ ଦୁଃଖଦ ଘଟଣା ସମ୍ପ୍ରତି ସାଙ୍ଗସାଥୀ ଓ ସମ୍ବଲପୁର ସହରରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନାନୁଯାୟୀ କିଛି ୧୬ ବର୍ଷରୁ ୧୮ ବର୍ଷର ପିଲାମାନେ ମହାନଦୀର ବୁର୍ଲା ନିକଟସ୍ଥ ୧୮ ହଜାର ପାୱାର୍ ଚ୍ୟାନେଲ୍ ନିକଟକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସେଠାରେ ଗାଧୋଇବା ବେଳେ ହଠାତ୍ ଜଣେ ଗଭୀର ପାଣିରେ ନିଖୋଜ ହେଇଯାଇଥିଲା। ଏଭଳି ଅଘଟଣ ଦେଖି ଅନ୍ୟ ସାଙ୍ଗସାଥୀ ମାନେ ତୁରନ୍ତ ନିକଟସ୍ଥ ଥାନାକୁ ଖବର କରିଥିଲେ। ଏଭଳି ସୂଚନା ମିଳିବା ପରେ ପୋଲିସ ତୁରନ୍ତ ଅଗ୍ନିଶମ ବିଭାଗକୁ ସୂଚିତ କରିଥିଲା। ଘଟଣାସ୍ଥଳରେ ପର୍ଯ୍ୟାୟକ୍ରମେ ଅଗ୍ନିଶମ କର୍ମଚାରୀ ମାନେ ନିଖୋଜ ବାଳକକୁ ଉଦ୍ଧାର ପାଇଁ ଆକ୍ଲାନ୍ତ ପରିଶ୍ରମ କରିଥିଲେ ମଧ୍ୟ ପାଣି ଅଗଭୀର ଓ ସ୍ରୋତ ସମ୍ପର୍ଣ୍ଣ ଥିବାରୁ ନିଖୋଜ ବାଳକର କୌଣସି ସୁରାକ୍ ମିଳିପାରିନଥିଲା। ତେବେ ଏହି ଅଘଟଣ ପରେ ନିଜ ପରିବାର ଲୋକଙ୍କ ମାଡଗାଳିକୁ ଭୟକରି ସମସ୍ତେ ଚାଲିଯାଇଥିବା ବେଳେ ନିଖୋଜ ବାଳକର କୌଣସି ସଠିକ୍ ପରିଚୟ ହସ୍ତଗତ ହୋଇପାରିନାହିଁ। ନିଖୋଜ ବାଳକ ଜଣଙ୍କ ବୁଢାରଜା ଅଞ୍ଚଳର ସ୍ୱସ୍ତିକ ପଣ୍ଡା ବୋଲି କେତେକ କହୁଥିବା ବେଳେ ପୋଲିସ ଏ ସମ୍ପର୍କରେ କୌଣସି ସୂଚନା ଦେଇନାହିଁ ।

# ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତାକୁ ପୂରଣ କରାଯାଉ:ସାନନ୍ଦ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାର ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟ ସରକାରଙ୍କ ଉଦାସୀନତା ଓ ହୀନ ରାଜନୈତିକ ମନୋଭାବ ଶେଷରେ ପ୍ରକାଶ୍ୟ ହୋଇଛି। ଯେଉଁ ବାରିପଦାରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ର ସ୍ୱାସ୍ଥ୍ୟ ଭିତ୍ତିଭୂମି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱରେ ପ୍ରତିଷ୍ଠିତ ହୋଇଥିଲା ଏବଂ ୨୦୨୪ ମସିହାରେ ତାଙ୍କ ଦ୍ୱାରା ଲୋକାର୍ପିତ ମଧ୍ୟ ହୋଇଥିଲା, ସେହି ପ୍ରକଳ୍ପକୁ କେବଳ ରାଜନୈତିକ ଶ୍ରେୟ ନେବା ଆଶାରେ ବର୍ତ୍ତମାନ ସରକାର ପ୍ରାୟ ଦୁଇ ବର୍ଷ ଧରି ଅଟକାଇ ରଖିଥିଲେ। ବିଜୁ ଜନତା ଦଳର ଲଗାତାର ଆନ୍ଦୋଳନ ଓ ଦାବି ପରେ ପୂର୍ବତନ ଉପ ବାଚସ୍ପତି ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ସାନନ୍ଦ ମାର୍ଣ୍ଡିଙ୍କ କଡ଼ା ଚେତାବନୀ ପରେ ରାଜ୍ୟ ସରକାରଙ୍କ ଚୈତନ୍ୟୋଦୟ ଘଟିଛି। ଏବେ ସେହି ପ୍ରକଳ୍ପର ରଙ୍ଗ ପରିବର୍ତ୍ତନ କରି ପୁନର୍ବାର ଉଦ୍ଘାଟନ କରିବାକୁ ଯାଉଥିବା ଘଟଣା ଜନସାଧାରଣଙ୍କ ନିକଟରେ ସରକାରଙ୍କ ସଂକୀର୍ଣ୍ଣ ରାଜନୈତିକ ମାନସିକତାର ପ୍ରମାଣ ଦେଉଛି। ଶ୍ରୀ ମାର୍ଣ୍ଡି କହିଛନ୍ତି ଯେ, ଡେରିରେ ହେଲେ ମଧ୍ୟ ଯଦି ସରକାରଙ୍କ ଚୈତନ୍ୟ ଉଦୟ ହୋଇଛି, ତେବେ କେବଳ ଫିତା କାଟି ଫଟୋ ଉଠାଇବାରେ ସୀମିତ ନରହି ମୟୂରଭଞ୍ଜ ବାସୀଙ୍କ ପ୍ରକୃତ ଆବଶ୍ୟକତା ପୂରଣ କରାଯାଉ। ଜିଲ୍ଲା ପାଇଁ ତୁରନ୍ତ ୧୦ଟି ମାଗଣା ଆଇସିୟୁ ଆମ୍ବୁଲାନ୍ସର ବ୍ୟବସ୍ଥା, ମେଡିକାଲ କଲେଜ ଓ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦବୀ ପୂରଣ, ରୋଗୀମାନଙ୍କ ପାଇଁ ଏମ୍ସ-ପ୍ଲସ୍ ଧରଣର ଉନ୍ନତ ସେବା ଆରମ୍ଭ ଏବଂ ଜିଲ୍ଲାରେ ଅତିରିକ୍ତ ଦୁଇଟି ରକ୍ତଭଣ୍ଡାର ସ୍ଥାପନ କରାଯିବା ଆବଶ୍ୟକ। ଏହା ମୟୂରଭଞ୍ଜ ବାସୀଙ୍କ ଦୀର୍ଘଦିନର ଦାବି ଓ ନିତାନ୍ତ ଆବଶ୍ୟକତା। ସେ ଆହୁରି କହିଛନ୍ତି ଯେ, ମୟୂରଭଞ୍ଜର ସ୍ୱାସ୍ଥ୍ୟସେବାକୁ ରାଜନୈତିକ ପ୍ରଚାରର ମାଧ୍ୟମ ନକରି ଜନସାଧାରଣଙ୍କ ସେବାର ମାଧ୍ୟମ କରାଯାଉ। ଅନ୍ୟଥା, ମୟୂରଭଞ୍ଜ ବାସୀଙ୍କ ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ପୁନର୍ବାର ଅହରହ ଆନ୍ଦୋଳନ ଓ ଲଢେଇ ଜାରି ରଖିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି ଏକ ପ୍ରେସ୍ ବାର୍ତ୍ତାରେ ସାନନ୍ଦ ମାର୍ଣ୍ଡି ପ୍ରକାଶ କରିଛନ୍ତି।

# ମୈତ୍ରେୟୀ ଲେଖିକା ସଂଗଠନର ବାର୍ଷିକ ଉତ୍ସବ ଓ କବିତା ପାଠ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ରେଡକ୍ରସ୍ ଭବନ, ଭୁବନେଶ୍ୱର ପରିସରରେ ମୈତ୍ରେୟୀ ଲେଖିକା ସଂଗଠନ ତରଫରୁ ବାର୍ଷିକ ଉତ୍ସବ ଏବଂ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଡ. ସୁଷମା ମିଶ୍ର ସଭାପତିତ୍ୱ କରିଥିଲା ବେଳେ ସମ୍ପାଦିକା ଲକ୍ଷ୍ମୀ ଚାନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନ୍ୟତମ ଅତିଥିଭାବେ ଅନୁବାଦିକା କନକ ମଞ୍ଜରୀ ସାହୁ ଏବଂ ବିଶିଷ୍ଟ ଲେଖିକା କବିତା ବାରିକ ମଞ୍ଚରେ ଉପସ୍ଥିତ ରହି ମୈତ୍ରେୟୀ ପତ୍ରିକା ଉନ୍ମୋଚନ କରିଥିଲେ। ଏହି ଅବସରରେ ଡାକ୍ତର ମଞ୍ଜୁବାଳା ପଣ୍ଡାଙ୍କୁ ମୈତ୍ରେୟୀ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ସୁନନ୍ଦା ବି ମହାପାତ୍ରଙ୍କୁ ମୈତ୍ରେୟୀ ଗଳ୍ପ ପୁରସ୍କାର, ଭବାନୀ ଭୂୟାଁଙ୍କୁ ମୈତ୍ରେୟୀ କବିତା ପୁରସ୍କାର, ରାଜଲକ୍ଷ୍ମୀ ତ୍ରିପାଠୀଙ୍କୁ ମୈତ୍ରେୟୀ ପ୍ରବନ୍ଧ ପୁରସ୍କାର, ମୌସୁମୀ ଦାସଙ୍କୁ ମୈତ୍ରେୟୀ ଦକ୍ଷତା ସମ୍ମାନ ଏବଂ ବିଜୟଲକ୍ଷ୍ମୀ ନାୟକଙ୍କୁ ମୈତ୍ରେୟୀ ବିଶେଷ ପୁରସ୍କାରରେ ପୁରସ୍କୃତ କରାଯାଇଥିଲା । ସେହିପରି ସାହିତ୍ୟିକ କୃଷ୍ଣମୋହନ ଦାସଙ୍କ ସ୍ମୃତିରେ ରାଜକିଶୋର ଦାସଙ୍କୁ ମୈତ୍ରେୟୀ ସର୍ଜନା କବିତା ପୁରସ୍କାର, ସାହିତ୍ୟପ୍ରେମୀ ବୈଷ୍ଣବ ଚରଣ ଚାନ୍ଦଙ୍କ ସ୍ମୃତିରେ ଶରତ କୁମାର ସାହୁଙ୍କୁ ମୈତ୍ରେୟୀ ଗଳ୍ପ ସର୍ଜନା ପୁରସ୍କାର, ପ୍ରଫେସର ଧରଣୀଧର ସାହୁଙ୍କ ସ୍ମୃତିରେ ଅରବିନ୍ଦ ବେହେରାଙ୍କୁ ଅନୁବାଦ ପୁରସ୍କାର ଏବଂ ସାହିତ୍ୟ ପ୍ରେମୀ ଅଜୟ ମହାନ୍ତିଙ୍କ ସ୍ମୃତିରେ ସୁମିତ୍ ପଣ୍ଡାଙ୍କୁ ମୈତ୍ରେୟୀ ଯୁବ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଅନୁଷ୍ଠିତ ହୋଇଥିବା କବିତା ଆସରରେ ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସମୁଦାୟ ଉତ୍ସବଟିକୁ ମୌସୁମୀ ଦାସ, ବିଜନବାଳା ପାଟଯୋଷୀ, ସସ୍ମିତା ମହାନ୍ତି, ଶ୍ୱେତପଦ୍ମା ପାଢ଼ି ତ୍ରିପାଠୀ ପରିଚାଳନା କରିଥିଲେ। ମୌସୁମୀ ଦାସ ପ୍ରଦୀପ ପ୍ରଜ୍ୱଳନ ବେଳେ ଶ୍ଳୋକ ଉଚ୍ଚାରଣ କରିଥିବା ବେଳେ ମୈତ୍ରେୟୀମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ନନ୍ଦିତା ମହାନ୍ତି ଅତିଥି ପରିଚୟ ଦେଇଥିଲେ ଏବଂ ସୁଚିତ୍ରା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୩୯୬ ଲିଟର ମହୁଲି ମଦ ଜବତ:୭ ଗିରଫ

**ରାଉରକେଲା, ନ୍ୟୁଜ୍**

ଗତ ୫ ତାରିଖରେ ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡଙ୍କ ନିର୍ଦ୍ଦେଶକ୍ରମେ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବିଶ୍ରା, ବନ୍ଧମୁଣ୍ଡା ଅଞ୍ଚଳରେ ଚଢ଼ଉ କରି ୭ ଗୋଟି Claim କେସ୍ ଏବଂ ଗୋଟିଏ Unclaim କେସ୍ ମୋଟ୍ ୮ ଗୋଟି କେସ୍ ରୁଜୁ କରାଯିବା ସହିତ ମୋଟ୍ ୩୯୬ ଲିଟର ବେଆଇନ୍ ମହୁଲି ମଦ ଜବତ କରାଯାଇଛି ଏବଂ ୭୫୦୦ କିଗ୍ରା ମହୁଲ ପୋଚ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ୭ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନାମ- ଅର୍ଜୁନ ମାହାଲି, ସରସ୍ୱତୀ ଏକ୍କା, ସିଲାସ ହଂସ, ମହାଦେବ ତିର୍କୀ, ଲାଧୁ ତିର୍କୀ, କରଣ ତିର୍କୀ, ଚୈତ କୁମ୍ଭାର। ଏହି ଚଢ଼ଉରେ Excise Inspector ମୋହନ ପଧାନ ଓ inspector ହେମନ୍ତ ମହାନନ୍ଦିଆ, ASI ବିନୋଦିନୀ ବେହେରା, ବିଦ୍ୟୁତ ଭୂଷଣ ଦାଶ ଓ ଯୁବରାଜ ବାଗ ଓ ଷ୍ଟାଫ୍- ଗୋବର୍ଦ୍ଧନ ବିଶି, ସୌମ୍ୟରଞ୍ଜନ ସାହୁ, ଆୟେଶା ମିଂଜ, ତ୍ରିଲୋଚନ ପାଢ଼ୀ, ପ୍ରଦୀପ ଲୁଗୁନ୍, ସୁକାନ୍ତ ଅମାତ, ବବୁଲ ସ୍ୱାଇଁ, ଭିକ୍ଟୋରିଆ ଡୁଙ୍ଗଡୁଙ୍ଗ, ଲିଳିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ, ଜଗନ୍ନାଥ ମୁଣ୍ଡାରୀ ଆଦି ସାମିଲ ଥିଲେ।

# ବିଶ୍ୱ ପରିବେଶ ଦିବସ ଅବସରରେ ଆଦିତ୍ୟ ଆଲୁମିନିୟମର ବୃକ୍ଷରୋପଣ କାର୍ଯ୍ୟକ୍ରମ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ୍ (ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଏକ ୟୁନିଟ୍), ସମ୍ବଲପୁର ପକ୍ଷରୁ ବିଶ୍ୱ ପରିବେଶ ଦିବସ ୨୦୨୬କୁ "ପ୍ରକୃତିରୁ ପ୍ରେରଣା, ଜଳବାୟୁ ଓ ଆମର ଭବିଷ୍ୟତ ପାଇଁ" ବିଷୟବସ୍ତୁ ଅନୁଯାୟୀ ବିଭିନ୍ନ ପରିବେଶ ସଚେତନତାମୂଳକ କାର୍ଯ୍ୟକ୍ରମ ସହ ପାଳନ କରାଯାଇଥିଲା। ଏହି ଅବସରରେ କାରଖାନା ପରିସରରେ ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯେଉଁଥିରେ କର୍ମଚାରୀ ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (OSPCB)ର ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଓଏସ୍‌ପିସିବି ଆଞ୍ଚଳିକ ଅଧିକାରୀ, ସମ୍ବଲପୁର ଡ. ସତ୍ୟନାରାୟଣ ନନ୍ଦ, ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ସିପିପି ମୁଖ୍ୟ ଗୁଲଶନ ତିୱାରୀ, ସ୍ମେଲ୍ଟର ମୁଖ୍ୟ ସନ୍ଦୀପ ସିଂହ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ପରିବେଶ ବିଭାଗ ମୁଖ୍ୟ ଲଳିତ ଚରଣ, ସହ କାରଖାନାର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଓଏସ୍‌ପିସିବି ପକ୍ଷରୁ ସହକାରୀ ପରିବେଶ ଯନ୍ତ୍ରୀ, ଇଂ. ରାକେଶ ପଣ୍ଡା, ସହକାରୀ ପରିବେଶ ବୈଜ୍ଞାନିକ, ମନୋରଞ୍ଜନ ପ୍ରଧାନ, ଉପ-ପରିବେଶ ବୈଜ୍ଞାନିକ ଏ. କୁସୁମ ମିଞ୍ଜ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ୍ୟ ଯୋଗଦେଇ କମ୍ପାନୀର ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ପ୍ରତି ନିରନ୍ତର ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ "ଏକ ପେଡ଼ ମାଁ କେ ନାମ" ଅଭିଯାନ ଅନ୍ତର୍ଗତ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀମାନେ କାରଖାନା ପରିସରର ବିଭିନ୍ନ ନିର୍ଦ୍ଦିଷ୍ଟ ସ୍ଥାନରେ ଚାରାରୋପଣ କରି ପରିବେଶ ସୁରକ୍ଷା ଏବଂ ଜୈବ ବିବିଧତା ବୃଦ୍ଧିରେ ନିଜର ଅବଦାନ ରଖିଥିଲେ। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀ "ମିଶନ୍ LiFE (Lifestyle for Environment)" ଶପଥ ଗ୍ରହଣ କରି ନିଜ ଦୈନନ୍ଦିନ ଜୀବନରେ ପରିବେଶ ଅନୁକୂଳ ଅଭ୍ୟାସ ଅପଣାଇବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ଏଭଳି ପଦକ୍ଷେପ ମାଧ୍ୟମରେ ଆଦିତ୍ୟ ଆଲୁମିନିୟମ ସ୍ଥାୟୀ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରୁଥିବା ବେଳେ ପରିବେଶ ସୁରକ୍ଷା କ୍ଷେତ୍ରରେ ସକ୍ରିୟ ଅବଦାନ ରଖି ଜାତୀୟ ଓ ବୈଶ୍ୱିକ ସ୍ଥିରତା ଲକ୍ଷ୍ୟ ସହ ସାମଞ୍ଜସ୍ୟ ରକ୍ଷା କରୁଛି।

## — ଗଞ୍ଜେଇ ନିଶାରେ ରେଶମ ସହରର ଯୁବପିଢ଼ି —

# ନିଶାଡ଼ିଙ୍କ ପାଇଁ ବେକାରି ପ୍ରସ୍ତୁତ କରି ରଖୁଛନ୍ତି ସିଗାରେଟ୍

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**


ଗଞ୍ଜେଇ ନିଶାରେ ରେଶମ ସହରର ଅନେକ ଯୁବକ । ନିଶା ବେକାରୀଙ୍କ ଟାର୍ଗେଟ୍‌ରେ ଛାତ୍ର ଓ ଶିକ୍ଷିତ ବେକାର । ସମୟାନୁସାରେ ଗଞ୍ଜେଇ ସିଗାରେଟ୍ ପାଖରେ ପହଞ୍ଚିଯାଉଛି । ଆଗରୁ ଚିଲମ୍ ଦରକାର ହେଉଥିଲା । ଏବେ ଆଉ ଚିଲମ୍ ନାହିଁ। ନିଶାଡ଼ିଙ୍କ ପାଇଁ ବେକାରି ପ୍ରସ୍ତୁତ କରି ରଖୁଛନ୍ତି ସିଗାରେଟ୍ । ୧୫ ଟଙ୍କାରୁ ଆରମ୍ଭ ହୋଇ ୬୦ ଟଙ୍କା ପର୍ଯ୍ୟନ୍ତ ଗଞ୍ଜେଇ ସିଗାରେଟ୍ ବିକ୍ରି କରାଯାଉଛି । କୋଡ୍ ନାମରେ ମଗାଯାଉଛି ଏହି ସିଗାରେଟ୍, ଗୋଗୋ, କ୍ୟାପ୍‌ଟେନ୍, ସିଗାର୍ ନାମରେ କଦଳୀବାଡ଼ ସାହି ଛକ, ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ, ହାତୀବନ୍ଧ ସାହି, ଗେଟ୍ ବଜାର, ପୁରୁଣା ବ୍ରହ୍ମପୁର ଅଞ୍ଚଳ, ହରିଡ଼ାଖଣ୍ଡି, ସୁକୁଣ୍ଡା ଅଞ୍ଚଳରେ କିଛି ବେପାରୀ ଏହି କାରବାର ଚଳାଇଛନ୍ତି । ଅନ୍ଧରିଆ ଆଡ୍ଡାରେ ଚାଲୁଛି ଏହି କାରବାର । ସନ୍ଧ୍ୟା ପରେ ସହରରେ ଅନେକ ସାହିରେ ପୋଖରୀ ହୁଡ଼ା, କିଛି ମଣ୍ଡପ, ଖେଳପଡ଼ିଆ ମାନଙ୍କରେ କିଛି ଲୋକ ଆଡ୍ଡା ଜମାଉଛନ୍ତି । ହରିଡ଼ାଖଣ୍ଡି, ଧୋବା ବନ୍ଧ, ଆଇନା ବନ୍ଧ, ପାଣିଗ୍ରାହୀପେଣ୍ଠ କାଳୀ ମନ୍ଦିର ପାର୍ଶ୍ୱ ପୋଖରୀ, ରାମ ହରି ନଗର ପୋଖରୀ, ନୀଳକଣ୍ଠେଶ୍ୱର ମନ୍ଦିର ପୋଖରୀ, ଗୌଡ଼ ବନ୍ଧ, ଶିଳ୍ପାଞ୍ଚଳ ଛକ ପୋଖରୀ, ଲାଞ୍ଜିପଲ୍ଲୀ ଗଣେଶ ମନ୍ଦିର ପୋଖରୀ ଭଳି ବିଭିନ୍ନ ପୋଖରୀ ହୁଡ଼ା ସନ୍ଧ୍ୟାରେ ଅନ୍ଧାର ହେବା ପରେ ଚାଲେ ନିଶା କାରବାର । ସେଠାରେ ବେପାରୀ ଆସି ଗଞ୍ଜେଇ ସିଗାରେଟ୍ ବିକ୍ରି କରନ୍ତି ବୋଲି ଚର୍ଚ୍ଚା ହେଉଛି । ଅବକାରୀ ବିଭାଗ ଓ ପୋଲିସ ବେଳେବେଳେ କିଛି ଗଞ୍ଜେଇ ଚାଲାଣକାରୀ ଓ ବେପାରୀଙ୍କୁ ଗିରଫ କରିଛି । କିନ୍ତୁ ପରବର୍ତ୍ତୀ ସମୟରେ ସେମାନଙ୍କ ଉପରେ ଆଉ ନଜର ନାହିଁ। ଯାହାଫଳରେ ବର୍ଷ ବର୍ଷ ଧରି ସେମାନେ କାରବାର ଚଳାଇଆସୁଛନ୍ତି। ସହରରେ ଗତ ୫ ମାସରେ ପୋଲିସ ଓ ଅବକାରୀ ବିଭାଗ ୧୪ଟି ଗଞ୍ଜେଇ ଚୋରା ଚାଲାଣକୁ ଧରିଛି। ୨୩ ଜଣଙ୍କୁ ଗିରଫ କରି ସେମାନଙ୍କ ଠାରୁ ୩ କ୍ୱିଣ୍ଟାଲ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଛି । ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ୫ଟି ମାମଲା ରୁଜୁ କରିଥିବା ବେଳେ ୨୪୨ କେଜି ଗଞ୍ଜେଇ ଜବତ କରିଛି । ବ୍ରହ୍ମପୁର ରେଳବାଇ ଥାନା ପୋଲିସ ୫୬ କିଲୋ ଗଞ୍ଜେଇ ଜବତ କରି ୪ଟି ମାମଲା ରୁଜୁ କରିଛି। ବୈଦ୍ୟନାଥପୁର ଥାନା ପୋଲିସ ପାଖାପାଖି ୬ କେଜି ଗଞ୍ଜେଇ ସହ ଦୁଇ ଜଣଙ୍କୁ ଗିରଫ କରିଛି । ସେହିପରି ଜିଲ୍ଲା ଅବକାରୀ ଷ୍ଟ୍ରାଇକିଂ ଫୋର୍ସ ଗୋସାଇଁ ନୂଆଗାଁରୁ ଜଣେ ବୟସ୍କ ବ୍ୟକ୍ତିଙ୍କ ଠାରୁ ୩.୫ କେଜି ଗଞ୍ଜେଇ ସହ ଅଫିମ ଜବତ କରିଛି । ସହର ଭିତରେ ଏତେ ପରିମାଣରେ ଗଞ୍ଜେଇ ଜବତ ହେବା ସ୍ପଷ୍ଟ ହେଉଛି ଯେ, ଏଠାରେ କାରବାର ସକ୍ରିୟ ଭାବେ ଚାଲିଛି। ଅବକାରୀ ଅଧୀକ୍ଷକ ପ୍ରବୀଣ ପ୍ରଧାନ କହିଛନ୍ତି ନିୟମିତ ବ୍ୟବଧାନରେ ଚଢ଼ଉ କରାଯାଉଛି । ଅବକାରୀ ବିଭାଗ ବହୁ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରିଛି । ଯେଉଁମାନେ ନିଶା କାରବାରରେ ରହୁଛନ୍ତି ସେମାନଙ୍କୁ ବରଦାସ୍ତ କରାଯିବନାହିଁ। ଏଣିକି ଗଞ୍ଜେଇ ଆଡ୍ଡାମାନଙ୍କରେ ଚଢ଼ଉ କରାଯିବ । ଆସିକାରୋଡ୍ ଅଞ୍ଚଳର ଜଣେ ବୁଦ୍ଧିଜୀବୀ କହିଛନ୍ତି, ସହରର ଅଧିକାଂଶ ସ୍ଥାନରେ ଗଞ୍ଜେଇ ଓ ଡ୍ରଗ୍ସ ମିଳୁଛି । ଛାତ୍ର ଓ ଶିକ୍ଷିତ ବେକାର ମାନଙ୍କୁ ବର୍‌ବାଦ୍ କରିଦିଆଯାଉଛି । ନିଶା ସେବନ ପରେ ଅପରାଧ ବି ଘଟୁଛି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଣ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୯।୦୬।୨୦୨୬, ଜୈ୍ୟଷ୍ଠ (ମଳ) ଦି୨୬ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୨୩ ଚନ୍ଦ୍ରୋଦୟ- ରାଘ ୧୨।୪୭।୨୧**


ନବମୀ ରାଘ ୨।୩୭ ପର୍ଯ୍ୟନ୍ତ। ପୂର୍ବଭାଦ୍ର ନକ୍ଷତ୍ର ଦିଘ ୯।୪୧ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୨।୩୭ ଗତେ କଳମ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୧ ଗତେ ଦିଘ ୬।୫୦ ମଧ୍ୟେ। ଦିଘ ୯।୩୭ ଗତେ ଦିଘ ୧୨।୧୪ ମଧ୍ୟେ।




**ମେଷ:** କାର୍ଯ୍ୟ ହାସଲ ହେବ। ଉତ୍ତମ ଭୋଜନ ମିଳିବ। ଶତ୍ରୁ ନାଶ ହେବେ। ମନରେ ସାହାସ ଆସିବ। ରୋଜଗାରରେ ଅଭିବୃଦ୍ଧି ଘଟିବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ। ଦେହ ଭଲ ରହିବ ।




**ବୃଷ:** କର୍ମକ୍ଷେତ୍ରରେ ଅଗ୍ରଗତି ହେବ। ଶୁଭ ଖବର ପ୍ରାପ୍ତ ହେବ। ପିଲାମାନେ ଶୁଭ ଫଳ ପାଇବେ। ଆୟ ଓ ବ୍ୟୟ ସମାନ ରହିବ। ବନ୍ଧୁ ଦର୍ଶନ ଯୋଗ ରହିଛି। ପାରିବାରିକ ଶାନ୍ତି ବିରାଜମାନ କରିବ।



**ମିଥୁନ:** ଚାକିରୀ କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ମାଲିମୋକଦ୍ଦମାରେ ସଫଳତା ମିଳିବ। ରୋଜଗାର ବୃଦ୍ଧି ହେବ। ମହିଳାମାନେ ସୁଖୀ ହେବେ। ସମ୍ମାନ ମଧ୍ୟ ମିଳିବ। ପରିବାରରେ ସୁଖ ଶାନ୍ତି ଲାଭ ହେବ।



**କର୍କଟ:** କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେବେ। ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବେ। ପରିବାରରେ ସାମାନ୍ୟ ଅଶାନ୍ତି ଦେଖାଦେବ। ଆୟ ଠାରୁ ବ୍ୟୟର ମାତ୍ରା ବଢ଼ିବ। ଦୂରଯାତ୍ରା କରିପାରନ୍ତି।




**ସିଂହ:** ଶରୀର ସୁସ୍ଥ ରହିବ। ଧନ ଲାଭ ହେବ। ପିଲାମାନେ କୃତକାର୍ଯ୍ୟ ହେବେ। ଧର୍ମ ମାର୍ଗରେ ମନୋନିବେଶ କରିବେ। ପରିବାରରେ ସୁଖ ଶାନ୍ତି ବଜାୟ ରହିବାର ସୂଚନା। ମହିଳାମାନେ ସୁଖୀ ହେବେ।



**କନ୍ୟା:** ବ୍ୟବସାୟରେ ଲାଭବାନ୍ ହେବେ। ପରିବାରରେ ପ୍ରୀତି ଲାଭ ହେବ। ଆୟ ମଧ୍ୟମ ହେବ। ମନ ପ୍ରସନ୍ନ ରହିବ। ସୁଖକର ଘଟଣାମାନ ଘଟିପାରେ। ଦୂରକୁ ଯାତ୍ରା କରି ସଫଳତା ପ୍ରାପ୍ତ ହେବ।




**ତୁଳା:** ଶତ୍ରୁ ହାନି ଘଟିବ। ରୋଜଗାର ବଢ଼ିବ। କାର୍ଯ୍ୟ କ୍ଷେତ୍ରରେ ଉନ୍ନତି ହେବ। ମାନସିକ ଅଶାନ୍ତି ଦୂର ହେବ। ଶୁଭ ସମ୍ବାଦ ପାଇ ଆନନ୍ଦିତ ହେବେ। ଦେବ ଦର୍ଶନର ସୁଯୋଗ ରହିଛି। ମନ ପ୍ରସନ୍ନ ରହିବ।



**ବିଛା:** ଦେହ ଓ ମନ ଭଲ ରହିବ। ବନ୍ଧୁ ମିଳନରୁ ଆନନ୍ଦିତ ହେବେ। ପିଲାମାନେ ପଢ଼ା ଲେଖାରେ କୃତ କାର୍ଯ୍ୟ ହେବେ। ପରିବାରରେ ସୁଖ ଶାନ୍ତି ପ୍ରାପ୍ତ ହେବ। ଶରୀର ସୁସ୍ଥ ରହିବ। ଖର୍ଚ୍ଚର ପରିମାଣ ବଢ଼ିବ ।



**ଧନୁ:** କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ। ପରିବାରରେ କଳହ ଓ ଅଶାନ୍ତି ସୃଷ୍ଟି ହେବ। ଆୟ ଓ ବ୍ୟୟ ସମାନ ରହିବ। ଠକାମିର ଶିକାର ହୋଇପାରନ୍ତି। ବନ୍ଧୁଙ୍କ ସାଙ୍ଗେ କଳହ ଯୋଗ ମଧ୍ୟ ରହିଛି।



**ମକର:** ଦେବ ଦର୍ଶନର ସୁଯୋଗ ସୃଷ୍ଟି ହେବ। ଶୁଭ କାର୍ଯ୍ୟ ପାଇଁ ଦିନଟି ଉତ୍ତମ ଅଟେ। ପାରିବାରିକ ଶାନ୍ତି ମିଳିବ। ଶତ୍ରୁ ନାଶ ହେବ। ଆୟ ସ୍ଥିର ରହିବ। ପାରିବାରିକ ଶାନ୍ତି ମଳିବ । ଶତ୍ରୁ ନାଶ ହେବ ।



**କୁମ୍ଭ:** ବ୍ୟବସାୟରେ ସଫଳତା ମିଳିବ। ଦୂରଯାତ୍ରା କରିପାରନ୍ତି। ଶୁଭ ସମାଚାର ପାଇ ଆନନ୍ଦିତ ହେବେ। ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ଦେହ ଓ ମନ ଭଲ ରହିବ। ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ।



**ମୀନ:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ। ଏଣୁ ଭଲ ଆୟ ହେବ। ନୂଆ ବନ୍ଧୁ ଜୁଟିବେ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ପାରିବାରିକ ସୁଖ ଶାନ୍ତି ଲାଭ ହେବ। ମହିଳାମାନେ ସୁଖୀ ହେବେ ।

# ବେଆଇନ୍ ପଥର ଖାଦାନରେ ଅଘଟଣ:୨ ଶ୍ରମିକ ଗୁରୁତର

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ବେଆଇନ୍ କଳାପଥର ଖାଦାନରେ ଦୁର୍ଘଟଣା ଘଟି ୨ ଜଣ ଶ୍ରମିକ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ଶନିବାର ଅପରାହ୍ନରେ ପଥର ବ୍ଲାଷ୍ଟିଂ କରିବା ପାଇଁ ହୋଲ୍ କରୁଥିବା ସମୟରେ ୭୦ ଫୁଟ୍ ଉପରୁ ପଥର ଅତଡ଼ା ଖସି ୨ ଶ୍ରମିକ ଗୁରୁତର ହୋଇଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ କଟକର କୌଣସି ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧୦।୦୬।୨୦୨୬, ଜୈ୍ୟଷ୍ଠ (ମଳ) ଦି୨୭ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ ୫।୦୯।୨୫ ଚନ୍ଦ୍ରୋଦୟ- ରାଘ ୧।୨୩।୩୧**

ଦଶମୀ ରାଘ ୧୨।୫୯ ପର୍ଯ୍ୟନ୍ତ। ଉତ୍ତରା ଭାଦ୍ର ନକ୍ଷତ୍ର ଦିଘ ୯।୨୩ ପର୍ଯ୍ୟନ୍ତ। **ମୀନ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର। **ଘାତଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ରାଘ ୧୨।୫୯ ଗତେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୪୯ ଗତେ ଦିଘ ୮।୩୦ ମଧ୍ୟେ। ଦିଘ ୧।୫୯ ଗତେ ଦିଘ ୫।୩୦ ମଧ୍ୟେ।

୬ ‘ଅଧିକ ଆଶା ରଖିବା ଭୁଲ’ : ବୈଭବଙ୍କୁ ନେଇ କପିଲ ଦେବଙ୍କ ବଡ଼ ବୟାନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

ପୃଷ୍ଠା-୩

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

● ବର୍ଷ-୩୩ ● ସଂଖ୍ୟା-୧୨୯ ● ୯ ଜୁନ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-129 ● 9th June 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ୧୦ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

# ପର୍ଯ୍ୟଟନର ବିକାଶ ପାଇଁ ହେବ ‘ଲ୍ୟାଣ୍ଡ ବ୍ୟାଙ୍କ’ ଓ ଗରିବଙ୍କୁ ଘର କିଣାରେ ମିଳିବ ଟିକସ ରିହାତି

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ



ସୋମବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ୫ଟି ବିଭାଗର ୧୦ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥି ମଧ୍ୟରେ ଶିଳ୍ପ ବିଭାଗର ୨ଟି, ଗୃହ ଓ ନଗର ଉନ୍ନୟନ ବିଭାଗର ୪ଟି, ଜଳସମ୍ପଦ ବିଭାଗର ୨ଟି, ରାଜସ୍ୱ ବିଭାଗ ଓ ପର୍ଯ୍ୟଟନ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବ ସାମିଲ ରହିଛି।

କ୍ୟାବିନେଟ୍ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେ, ପର୍ଯ୍ୟଟନର ବିକାଶ ପାଇଁ ‘ଲ୍ୟାଣ୍ଡ ବ୍ୟାଙ୍କ’ ପ୍ରତିଷ୍ଠା ସମେତ ଜଳସେଚନ ଓ ପାନୀୟ ଜଳ ପ୍ରକଳ୍ପର ସମ୍ପ୍ରସାରଣ, ସହରାଞ୍ଚଳ ବର୍ଜ୍ୟଜଳ ବିଶୋଧନ, ଶିଳ୍ପାଞ୍ଚଳରେ ମହିଳା ଶ୍ରମିକମାନଙ୍କ ପାଇଁ ହଷ୍ଟେଲ ନିର୍ମାଣ, ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଘର କ୍ରୟ ସମୟରେ ଷ୍ଟାମ୍ପ ଶୁଳ୍କ ଓ ରେଜିଷ୍ଟ୍ରେସନ୍ ଶୁଳ୍କ ଛାଡ଼ ଭଳି ନିଷ୍ପତ୍ତି ସାମିଲ ରହିଛି।

ସେ କହିଛନ୍ତି, ବିକଶିତ ଓଡ଼ିଶା ୨୦୩୬ ଓ ୨୦୪୭ର ଲକ୍ଷ୍ୟ ହାସଲ କରିବା ସହ ଏସିଆର ଏକ ପ୍ରମୁଖ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳୀ ଭାବେ ଓଡ଼ିଶାକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ପର୍ଯ୍ୟଟନ ଶିଳ୍ପ ପାଇଁ ‘ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ’ ପ୍ରତିଷ୍ଠା କରାଯିବାକୁ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ପର୍ଯ୍ୟଟନ କ୍ଷେତ୍ରରେ ପୂର୍ବ ପ୍ରସ୍ତୁତ, ଜବରଦଖଲମୁକ୍ତ ଓ ସଂଲଗ୍ନ ଜମିର ଅଭାବକୁ ଦୂର କରିବା ପାଇଁ ଏହି ସ୍ୱତନ୍ତ୍ର ଲ୍ୟାଣ୍ଡ ବ୍ୟାଙ୍କ କାର୍ଯ୍ୟ କରିବ, ଯାହା ମାଧ୍ୟମରେ ପ୍ରାୟ ୫୫୦୦ ଏକର ସରକାରୀ ଓ ବେସରକାରୀ ଜମି ଚିହ୍ନଟ କରାଯିବ। ଏଥିରେ ଚିଲିକା, କୋଣାର୍କ, ପୁରୀ (ଶାମୁକା), ଧଉଳି, ହୀରାକୁଦ, ସାତକୋଶିଆ, ଶିମିଳିପାଳ, ଭିତରକନିକା, ଦାରିଙ୍ଗବାଡ଼ି, ଦେଓମାଳି, ବୌଦ୍ଧ ସର୍କିଟ, ଜିରାଙ୍ଗ, ତଳସାରି ଓ ତାମ୍ପରା-ଆର୍ଯ୍ୟପଲ୍ଲୀ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ସାମିଲ କରାଯାଇଛି।

୨୦୨୬-୨୭ ରୁ ୨୦୩୦-୩୧ ପର୍ଯ୍ୟନ୍ତ ୫ ବର୍ଷର ଅବଧି ମଧ୍ୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନା ପାଇଁ ବାର୍ଷିକ ୩୦୦କୋଟି ଟଙ୍କା ହିସାବରେ ମୋଟ ୧୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାଦ୍ୱାରା ହୋଟେଲ, ରିସର୍ଟ, ଇକୋ-ଟ୍ୟୁରିଜିମ୍ ଓ କନଭେନସନ ସେଣ୍ଟର ଭଳି ଭିତ୍ତିଭୂମିରେ ଘରୋଇ ନିବେଶ ବୃଦ୍ଧି ପାଇବା ସହ ସ୍ଥାନୀୟ ଯୁବକ, କାରିଗର ଓ ଛୋଟ ଉଦ୍ୟୋଗୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଯୋଜନାର ସଫଳ ରୂପାୟନ ପାଇଁ ପର୍ଯ୍ୟଟନ ବିଭାଗ ନୋଡାଲ ବିଭାଗ ଭାବେ ଇଡ୍‌କୋ, ଓଟିଡିସି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସହ ମିଶି କାର୍ଯ୍ୟ କରିବ। (ପୃଷ୍ଠା ୭ରେ)

## ୧୨ ବର୍ଷ ମଧ୍ୟରେ ଭାରତ ବଦଳିଛି

# ଗରିବ ଓ ବଞ୍ଚିତ ବର୍ଗଙ୍କ ବିକାଶ ଉପରେ ଫୋକସ୍

ନୂଆଦିଲ୍ଲୀ, ୮।୬



ଭାରତୀୟ ଜନତା ପାର୍ଟି (ବିଜେପି) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ) ସରକାରଙ୍କ ୧୨ ବର୍ଷ ଶାସନ ପୂର୍ତ୍ତି ହେବାକୁ ଯାଉଛି। ଏହି ଅବଧି ଦେଶର ବିଭିନ୍ନ କ୍ଷେତ୍ରରେ ହୋଇଥିବା ବିକାଶ ସମ୍ବନ୍ଧରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଏହି ୧୨ ବର୍ଷ ମଧ୍ୟରେ ଭାରତ ଅନେକ ପରିବର୍ତ୍ତନ ଦେଖିଛି ଏବଂ ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ଗରିବ, ବଞ୍ଚିତ ଏବଂ ଶେଷ ଧାଡ଼ିରେ ଠିଆ ହୋଇଥିବା ବ୍ୟକ୍ତିଙ୍କ କଲ୍ୟାଣ। ଅନ୍ତ୍ୟୋଦୟର ଭାବନା ଦ୍ୱାରା ପରିଚାଳିତ ହୋଇ, ସରକାର ଏହା ସୁନିଶ୍ଚିତ କରିବାକୁ ପ୍ରୟାସ କରିଥିଲେ ଯେ ବିକାଶର ଲାଭ ସେହିମାନଙ୍କ ନିକଟରେ ପହଞ୍ଚୁ, ଯେଉଁମାନେ ଦଶନ୍ଧି ଦଶନ୍ଧି ଧରି ଏଥିରୁ ବଞ୍ଚିତ ଥିଲେ।

ସୋମବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ଏକାଧିକ ପୋଷ୍ଟ ଜରିଆରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜନଧନ ଆକାଉଣ୍ଟ, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି), ସ୍ୱଚ୍ଛ ଭାରତ ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନ ଏବଂ ଆୟୁଷ୍ମାନ ଭାରତ ଭଳି ଯୋଜନାଗୁଡ଼ିକ ଜନସାଧାରଣଙ୍କୁ ସମ୍ମାନଜନକ ଜୀବନ ଏବଂ ଉନ୍ନତ ସୁଯୋଗ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ।

ସେ କହିଛନ୍ତି ଯେ ଗରିବଙ୍କ କଲ୍ୟାଣ ଦିଗରେ ପ୍ରଯୁକ୍ତିବିଦ୍ୟା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଡିବିଟି ଏବଂ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ସରକାରୀ ସହାୟତା ସିଧାସଳଖ ଏବଂ ସ୍ୱଚ୍ଛ ଭାବରେ ହିତାଧିକାରୀଙ୍କ ନିକଟରେ ପହଞ୍ଚିଛି। ଏହା ଲିକ୍ ହ୍ରାସ କରିଛି, ଦକ୍ଷତା ବୃଦ୍ଧି କରିଛି ଏବଂ ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ମଜଭୁତ କରିଛି।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗରିବ କଲ୍ୟାଣଙ୍କ ଉଦ୍ଦେଶ୍ୟରେ ଏହି ଯାତ୍ରା ଏବେ ମାନବ ସଶକ୍ତିକରଣର ଏକ ବିଶାଳ ଅଭିଯାନରେ ପରିଣତ ହୋଇଛି, ଯାହା ଏକ ବିକଶିତ ଭାରତର ସଂକଳ୍ପକୁ (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ

# ୪୩୦ କୋଟିର ପ୍ରକଳ୍ପ ସହ ୬୫୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଲୋକାର୍ପିତ



ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ମୟୂରଭଞ୍ଜ ଏବଂ ସମଗ୍ର ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବାରିପଦା ଗସ୍ତରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଂ ହସ୍ପିଟାଲ ଉଦ୍‌ଘାଟନ କରିବା ସହିତ ଏହି ଅବସରରେ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ୪୩୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାରଙ୍କ ପକ୍ଷରୁ ମୋଟ ୪୩୦.୨୬ କୋଟି ଟଙ୍କା ବିନିଯୋଗ କରାଯାଉଛି। ଏହି ବୃହତ ବ୍ୟୟବରାଦ ଅଧୀନରେ ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁଧାର ଆସିବ, ଯାହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି।

ଏହି ବିଶାଳ ବିକାଶମୂଳକ କାର୍ଯ୍ୟକ୍ରମ ମଧ୍ୟରେ ୨୮୨ (ପୃଷ୍ଠା ୭ରେ)

## ପୁରୀରେ ଜରୁରୀ ଅବତରଣ କଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ପୁରୀରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଜରୁରୀ ଅବତରଣ କରିଛି । ସୋମବାର ଅପରାହ୍ନରେ ପୁରୀ ସମଙ୍ଗ ବସ୍ ଷ୍ଟାଣ୍ଡରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟରଜରୁରୀ ଅବତରଣ କରିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜରୁ କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଫେରୁଥିବା ବେଳେ ଭୁବନେଶ୍ୱରରେ କାଳବୈଶାଖୀ ବର୍ଷା ଓ (ପୃଷ୍ଠା ୭ରେ)

## ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ଚିକିଟି ତହସିଲର ବାସୁଦେବ ସାହୁ (ପିତା – କୃଷ୍ଣ ଚନ୍ଦ୍ର ସାହୁ) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

ସେହିପରି ଗଞ୍ଜାମ ଜିଲ୍ଲା ଚିକିଟି ତହସିଲର କୈଳାଶ ବେହେରା (ପତ୍ନୀ – ଶୁକୁରୁ ବେହେରା) ଏବଂ ରଙ୍ଗବତୀ ବେହେରା (ମାତା – କୁନି ବେହେରା) ଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। (ପୃଷ୍ଠା ୭ରେ)

# ବିଶାଖା ଷ୍ଟିଲ୍ ପ୍ଲାଣ୍ଟରେ ଭୟଙ୍କର ଦୁର୍ଘଟଣା : ୯ ଶ୍ରମିକ ମୃତ

ବିଶାଖାପାଟନମ, ୮।୬



ବିଶାଖାପାଟନମ ସ୍ଥିତ ବିଶାଖା ଷ୍ଟିଲ୍ ପ୍ଲାଣ୍ଟର ଏସ୍‌ଏମ୍‌ଏସ-୨ ବିଭାଗରେ ସୋମବାର ଏକ ଭୟାବହ ଔଦ୍ୟୋଗିକ ଦୁର୍ଘଟଣା ଘଟି ୯ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଶ୍ରମିକ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହି ଘଟଣା ସମଗ୍ର ଶିଳ୍ପାଞ୍ଚଳରେ ଶୋକ ଓ ଚିନ୍ତାର ପରିବେଶ ସୃଷ୍ଟି କରିଛି।

ପ୍ରାଥମିକ ସୂଚନା ଅନୁଯାୟୀ, ଲ୍ୟାଡଲ୍ ମାଧ୍ୟମରେ ପରିବହନ କରାଯାଉଥିବା ଅତ୍ୟଧିକ ଉତ୍ତପ୍ତ ଦ୍ରବୀଭୂତ ଧାତୁ ହଠାତ୍ ବାହାରକୁ ଛିଟିକି ପଡ଼ିଥିଲା। ମୁହୂର୍ତ୍ତକ ମଧ୍ୟରେ ସମଗ୍ର କାର୍ଯ୍ୟକ୍ଷେତ୍ର ଧୂଆଁ ଓ ଅଗ୍ନିରେ ଆବୃତ୍ତ ହୋଇଯାଇଥିଲା। ଘଟଣାସ୍ଥଳରେ କାର୍ଯ୍ୟରତ ଶ୍ରମିକମାନେ ନିଜକୁ ରକ୍ଷା କରିବାକୁ ସମୟ ପାଇନଥିବାରୁ ଅନେକ ଦ୍ରବୀଭୂତ ଧାତୁର ସଂସ୍ପର୍ଶରେ ଆସିଥିଲେ। ଏହି ଦୁର୍ଘଟଣାରେ ୯ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଖବର ସବୁଠାରୁ ବଡ଼ ଦୁଃଖଦ ଘଟଣା ଭାବେ ସାମ୍ନାକୁ ଆସିଛି। ମୃତ ଶ୍ରମିକମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିବା ବେଳେ ସହକର୍ମୀ ଓ ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଘଟଣାରେ ମର୍ମାହତ ହୋଇଛନ୍ତି।ଘଟଣାର ଖବର ପାଇବା ପରେ ଅଗ୍ନିଶମ ବିଭାଗ, ପ୍ଲାଣ୍ଟର ସୁରକ୍ଷା ଦଳ ଓ ଉଦ୍ଧାରକାରୀ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ (ପୃଷ୍ଠା ୭ରେ)

## ପ୍ରକାଶ ପାଇଲା ଓଜେଇଇ ୨୦୨୬ ପରୀକ୍ଷା ଫଳ

ଭୁବନେଶ୍ୱର, ୮।୬
ନ୍ୟୁଜ୍ ବ୍ୟୁରୋ

ଚଳିତବର୍ଷ ପ୍ରକାଶ ପାଇଲା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା ୨୦୨୬ର ଫଳାଫଳ। ରେଜଲ୍ଟ ପୁସ୍ତିକା ଉନ୍ମୋଚନ କଲେ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ। ପରୀକ୍ଷାରେ ମୋଟ ୧ ଲକ୍ଷ ୩ ହଜାର ୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜିକୃତ କରିଥିଲେ ସେଥିମଧ୍ୟରୁ ୯୨ ହଜାର ୬୨୮ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ମୋଟ ୮୯.୫୫ ପ୍ରତିଶତ ପରୀକ୍ଷାର୍ଥୀ କମ୍ପ୍ୟୁଟର ଭିତ୍ତିକ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ । ୪ ମେ ରୁ (ପୃଷ୍ଠା ୭ରେ)

## ରେଜଲ୍ଟ ପୋର୍ଟାଲ ଚାଲୁ ନଥିବା ଅଭିଯୋଗକୁ ଖଣ୍ଡନ କଲା ସିବିଏସ୍‌ଇ

ନୂଆଦିଲ୍ଲୀ, ୮।୬

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ସୋମବାର ରେଜଲ୍ଟ ପରବର୍ତ୍ତୀ ସେବା ପୋର୍ଟାଲ ପରିଚାଳନା ସମ୍ବନ୍ଧୀୟ କିଛି ଗଣମାଧ୍ୟମ ରିପୋର୍ଟ ଏବଂ ସୋସିଆଲ ମିଡିଆ ପୋଷ୍ଟ ସମ୍ପର୍କରେ ଏକ ସ୍ପଷ୍ଟୀକରଣ ଜାରି କରି କହିଛି ଯେ ଯାଞ୍ଚ ଏବଂ ପୁନଃମୂଲ୍ୟାୟନ ପାଇଁ ଆବେଦନ ୱିଣ୍ଡୋ ଜୁନ୍ ୨ ରୁ ୭ ପର୍ଯ୍ୟନ୍ତ ସୁଗମ ଭାବରେ ଚାଲିଥିଲା। ଏହି ସମୟ ମଧ୍ୟରେ ୧.୬ ଲକ୍ଷରୁ ଅଧିକ ପ୍ରାର୍ଥୀ ୩.୮ ଲକ୍ଷରୁ ଅଧିକ ଉତ୍ତର ପତ୍ର ସମ୍ପର୍କିତ ଅନୁରୋଧ ଦାଖଲ କରିଥିଲେ।ବୋର୍ଡ ଅନୁଯାୟୀ, ଏହି ସମୟ ମଧ୍ୟରେ ସରକାରୀ ବୈଷୟିକ ସଂସ୍ଥା ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ର ବିଶେଷଜ୍ଞ ଦଳଙ୍କ ତତ୍ତ୍ୱାବଧାନରେ ପୋର୍ଟାଲ ପରିଚାଳିତ ହୋଇଥିଲା। ସାଇବର ଆକ୍ରମଣ ଏବଂ ଅନ୍ୟାନ୍ୟ ଅନଲାଇନ୍ ବିପଦରୁ ସୁରକ୍ଷିତ ରହିବା ନିଶ୍ଚିତ କରିବା ପାଇଁ ସାଇବର ସୁରକ୍ଷା ଦଳଗୁଡ଼ିକ ନିରନ୍ତର ପୋର୍ଟାଲ ଉପରେ ନଜର ରଖିଥିଲେ। ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ ସହାୟତା କରିବା ପାଇଁ ସିବିଏସଇ ହେଲ୍ପଡେସ୍କ ଏବଂ ଅଭିଯୋଗ ସମାଧାନ ବ୍ୟବସ୍ଥା ସକ୍ରିୟ ରହିଥିଲା।ବୋର୍ଡ ସ୍ପଷ୍ଟ କରିଛି ଯେ ଫଳାଫଳ ଦେଖିବା ସମୟରେ ‘ରୋଲ୍ ନମ୍ବର (ପୃଷ୍ଠା ୭ରେ)

## ସପ୍ତାହ ଭିତରେ ଭତ୍ତା ସମସ୍ୟାର ସମାଧାନ

ଭୁବନେଶ୍ୱର, ୮।୬ : ନ୍ୟୁଜ୍ ବ୍ୟୁରୋ

ଏକ ସପ୍ତାହ ଭିତରେ ଭତ୍ତା ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶସକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ ଏହା କେବଳ ଓଡ଼ିଶାର ସମସ୍ୟା ନୁହଁ, ସବୁ ରାଜ୍ୟର ସମସ୍ୟା। କାମ ଚାଲିଛି ସଫ୍ଟୱେରରେ କିଛି ପରିବର୍ତ୍ତନ ହେଉଛି। ଆଶା କରୁଛୁ ଏକ ସପ୍ତାହ ଭିତରେ ଏଥିରେ ସୁଧାର ଆସିବ। ଯେତିକି ବକେୟା ଟଙ୍କା ଥିବ ସେସବୁକୁ ଏକାଥରେ ପାଇପାରିବେ ହିତାଧିକାରୀ।




## ଆଜିର ମୁଖ୍ୟ ଖବର

- ମାଗଣା ୟୁପିଏସସି କୋଚିଂ ପାଇଁ ଆବେଦନ ଆରମ୍ଭ, ୧୯ ଜୁନ୍ ପର୍ଯ୍ୟନ୍ତ କରିପାରିବେ ରେଜିଷ୍ଟ୍ରେସନ।
- ମିଜୋରାମ, ତ୍ରିପୁରା ଏବଂ ବଙ୍ଗରେ ଇଡି ଚଢଉ,୧୪୨ କୋଟି ଟଙ୍କାର ନିଶା କାରବାର ମନି ଲଣ୍ଡରିଂ ମାମଲା।
- ଛତିଶଗଡ଼ର ବିଜାପୁରର ପିଡିଆ ଜଙ୍ଗଲରୁ ତିନୋଟି ଆଇଇଡି ଏବଂ ଦୁଇଟି ନକ୍ସଲ ଡମ୍ପ ଉଦ୍ଧାର।

## ଏକାଳ ପଖାଳ



ଡବଲ ଇଂ...ଶାସନକୁ
ପୂରିଗଲା ଦୁଇ ବରଷ
ସୁଶାସନରେ ରାଇଜଟାକୁ ତ
ଦେଲେ ପାରଶ ପରଶ
ନେତାଙ୍କର ମନେ ହରଷ
ଯାହା ହେଲେବି ଗଣ ରାଇଜରେ
ଜନତା ଅଟନ୍ତି ନରେଶ।

# ନିଟ୍ ପରୀକ୍ଷା ପାଇଁ ବହୁ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରୁଛନ୍ତି କର୍ତ୍ତୃପକ୍ଷ



ନୂଆଦିଲ୍ଲୀ, ୮।୬

ନିଟ୍ ୟୁଜି ପୁନଃ ପରୀକ୍ଷା ପାଇଁ ବ୍ୟାପକ ଆୟୋଜନ କରାଯାଉଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଜୁନ୍ ୨୧ରେ ହେବାକୁ ଯାଉଛି ନିଟ୍ ୟୁଜି ପରୀକ୍ଷା। ୨୩ ଲକ୍ଷ ଛାତ୍ରଛାତ୍ରୀ ଆଉ ଥରେ ନିଟ୍ ୟୁଜି ଦେବାକୁ ଯାଉଥିବା ବେଳେ ୫ ଲକ୍ଷରୁ ଅଧିକ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଉଛି। ସାରା ଦେଶରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଦୁଇ ଲକ୍ଷରୁ ଅଧିକ ପୋଲିସ ଅଧିକାରୀ, ଗୃହରକ୍ଷୀ, ଜିଲ୍ଲା ପ୍ରଶାସନ ଅଧିକାରୀ ଏବଂ ପରୀକ୍ଷା କର୍ମଚାରୀ ନିୟୋଜିତ ହେବେ।

ସମ୍ବେଦନଶୀଳ ସ୍ଥାନରେ ଅର୍ଦ୍ଧସାମରିକ ବାହିନୀକୁ ମଧ୍ୟ ମୁତୟନ କରାଯିବ। ପରୀକ୍ଷା ମନିଟରିଂକୁ ସୁଦୃଢ଼ କରିବା ପାଇଁ, ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଏକ ଲକ୍ଷରୁ ଅଧିକ ସିସିଟିଭି କ୍ୟାମେରା ବ୍ୟବହାର କରାଯିବ। ଯେକୌଣସି ସନ୍ଦେହଜନକ କାର୍ଯ୍ୟକଳାପକୁ ଚିହ୍ନଟ କରିବା ପାଇଁ କର୍ତ୍ତୃପକ୍ଷ ବହୁ-ସ୍ତରୀୟ ସର୍ଭେଲାନ୍ସ ସିଷ୍ଟମ ଏବଂ ଏଆଇର ଉପଯୋଗ କରିବେ। ପୁନଃ ପରୀକ୍ଷା ବେଳେ ଉପସ୍ଥିତ ପ୍ରାର୍ଥୀମାନଙ୍କୁ ପରୀକ୍ଷା କେନ୍ଦ୍ରର ପ୍ରବେଶ ଫାଟକରେ ଆଧାର ଯାଞ୍ଚ କରିବାକୁ ପଡ଼ିବ। ରାଜ୍ୟ ଏବଂ କେନ୍ଦ୍ର ସରକାରୀ ସଂସ୍ଥା, ସ୍ଥାନୀୟ ପ୍ରଶାସନ, ପୋଲିସ ବିଭାଗ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ସ୍କୁଲ ଏବଂ ଘରୋଇ ସ୍କୁଲଗୁଡ଼ିକର ମିଳିତ ସମନ୍ୱୟରେ ଏଭଳି ବ୍ୟବସ୍ଥା କରାଯାଉଛି।

# ଷ୍ଟେଟ୍ ବ୍ୟାଙ୍କ ଦେଲା ୮୮୧୩ କୋଟି ଲାଭାଂଶ



ନୂଆଦିଲ୍ଲୀ, ୮।୬

ଭାରତୀୟ ଷ୍ଟେଟ୍ ବ୍ୟାଙ୍କକେନ୍ଦ୍ର ସରକାରଙ୍କୁ ୮୮୧୩ କୋଟି ଟଙ୍କାର ଲାଭାଂଶ ଦେଇଛି। ୨୦୨୫-୨୬ ଆର୍ଥିକ ବର୍ଷ ବାବଦର ଏହି ଚେକକୁ ବ୍ୟାଙ୍କର ଅଧ୍ୟକ୍ଷ ସିଏସ୍ ସେଟ୍ଟି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ହସ୍ତାନ୍ତର କରିଛନ୍ତି। ଷ୍ଟେଟ୍ ବ୍ୟାଙ୍କରେ ଭାରତ ସରକାରଙ୍କ ୫୫ ପ୍ରତିଶତ ଅଂଶଧନ ରହିଛି। ଆଲୋଚ୍ୟ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୦,୦୩୨ କୋଟି ଟଙ୍କାର ଲାଭ କରିଥିଲା ଯାହା ୧୨.୮୮ ପ୍ରତିଶତ ଅଧିକ। ବ୍ୟାଙ୍କର ପରିଚାଳନା ଲାଭ ୧୧.୨୫ ପ୍ରତିଶତ ବୃଦ୍ଧି ପାଇ ୧,୨୩,୦୧୫ କୋଟି ଟଙ୍କା ହୋଇଥିଲା।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ୩.୬୮ ବଢ଼ିବ ଫିଟମେଣ୍ଟ ଫ୍ୟାକ୍ଟର, କର୍ମଚାରୀଙ୍କୁ ମିଳିବ ବଡ଼ ଆମାଉଣ୍ଟ

ଅଷ୍ଟମ ବେତନ କମିଶନ ପୁଣି ଥରେ ପରାମର୍ଶ ସମୟସୀମା ବୃଦ୍ଧି କରିଛି। ଏବେ ୧୫ ଜୁନ୍ ଯାଏଁ ସମସ୍ତ ଷ୍ଟେକହୋଲ୍ଡର୍ସ ତାଙ୍କର ପରାମର୍ଶ ଦେଇପାରିବେ। ପ୍ରଥମେ ଏହି ଡେଡଲାଇନ୍ ୨୦୨୬ ମାର୍ଚ୍ଚ ୫ ଯାଏଁ ଥିଲା। ଏହାପରେ ଡେଡଲାଇନକୁ ଏପ୍ରିଲ ୩୦ ଯାଏଁ ବୃଦ୍ଧି କରାଯାଇଥିଲା। ପରେ ଏହାକୁ ମେ ୩୧ ଯାଏଁ ବୃଦ୍ଧି କରାଯାଇଥିଲା। ଏହି ପ୍ରକ୍ରିୟାରେ ଲଗାତର ଡେଡଲାଇନ୍ ବଢ଼ିବା କାରଣରୁ ପେ କମିଶନ ତାହାର ରିପୋର୍ଟ ଜମା କରିବାରେ ଆହୁରି ସମୟ ନେବ ବୋଲି ଅନୁମାନ କରାଯାଉଛି। ଏମିତିରେ ପ୍ରକ୍ରିୟା ବିଳମ୍ବ କାରଣରୁ ଏବେ କର୍ମଚାରୀଙ୍କ ମଧ୍ୟରେ ଏରିଅରକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ରିପୋର୍ଟ ଅନୁସାରେ, କେନ୍ଦ୍ରୀୟ କର୍ମଚାରୀଙ୍କୁ ୫ ଲକ୍ଷ ଟଙ୍କାରୁ ୧୪ ଲକ୍ଷ ଟଙ୍କାର ଏରିଅର୍ ମିଳିପାରେ। ତେବେ ପ୍ରତି ୧୦ ବର୍ଷରେ ଥରେ ପେ କମିଶନ ଗଠନ ହୁଏ। ସପ୍ତମ ବେତନ ଆୟୋଗର ସମୟସୀମା ୨୦୨୫ ଡିସେମ୍ବର ୩୧ରେ ସମାପ୍ତ ହୋଇଛି। ୨୦୨୬ ଜାନୁଆରୀ ୧ରୁ ଅଷ୍ଟମ ବେତନ ଆୟୋଗ ଲାଗୁ ହୋଇଛି। ହେଲେ ପେ କମିଶନର ରିପୋର୍ଟ ପ୍ରସ୍ତୁତ ହୋଇନଥିବା କାରଣରୁ ଏବେବି କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ହିସାବରେ ଦରମା ମିଳୁଛି। ଆୟୋଗର ରିପୋର୍ଟ ତିଆରି ହୋଇସାରିବା ପରେ କର୍ମଚାରୀଙ୍କୁ ଅଷ୍ଟମ ବେତନ କମିଶନ ହିସାବରେ ଦରମା ମିଳିବ। କାରଣ ପେ କମିଶନ ଜାନୁଆରୀ ୧ଠାରୁ ଲାଗୁ ହେବ। ଏଥିପାଇଁ ଏକ ବଡ଼ ଏରିଅର୍ ଆମାଉଣ୍ଟ କର୍ମଚାରୀଙ୍କୁ ମିଳିବ।

ତେବେ ଏରିଅର୍ ଫିଟମେଣ୍ଟ ଫ୍ୟାକ୍ଟର ଉପରେ ନିର୍ଭର କରେ। ସପ୍ତମ ବେତନ ଆୟୋଗ ସମୟରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ରଖାଯାଇଥିଲା। ଅଷ୍ଟମ ବେତନ କମିଶନ ସମୟରେ ଫିଟମେଣ୍ଟ ଫ୍ୟାକ୍ଟର ୩.୬୮ ହୋଇପାରେ ବୋଲି ଅନୁମାନ କରାଯାଉଛି। ଯଦି ଏହି ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ ହୁଏ, ତେବେ ବେସିକ୍ ପେ ୧୮ ହଜାରରୁ ୬୬୨୪୦ ଟଙ୍କା ହୋଇଯିବ। କେନ୍ଦ୍ରୀୟ କର୍ମଚାରୀଙ୍କ ମାସିକ ଦରମାରେ ୪୮ ହଜାର ୨୪୦ ଟଙ୍କା ବୃଦ୍ଧି ହେବ। ଉଦାହରଣ ସ୍ୱରୂପ ୧୦ ମାସର ଏରିଅର୍ ହିସାବକୁ ନେଲେ ୪ ଲକ୍ଷ ୮୨ ହଜାର ୪୦୦ ଟଙ୍କା ମିଳିବ। କ୍ୟାବିନେଟ ସଚିବ ପୋଷ୍ଟରେ ଥିବା ଅଧିକାରୀଙ୍କ ବେସିକ୍ ପେ ଏବେ ସପ୍ତମ ବେତନ କମିଶନ ହିସାବରେ ୪ ଲକ୍ଷ ୮୨ ହଜାର ୪୦୦ ଟଙ୍କା ଅଛି। ଯଦି ୩.୬୮ ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ ହେବ ତାହେଲେ ବେସିକ୍ ପେ ବଢ଼ି ୯ ଲକ୍ଷ ୨୦ ହଜାର ହୋଇଯିବ। ମାସିକ ଦରମା ପ୍ରାୟ ୬ ଲକ୍ଷ ୭୦ ହଜାର ଟଙ୍କାକୁ ବୃଦ୍ଧି ହୋଇଯିବ। ଏମିତିରେ ୨ ମାସର ଏରିଅର ୧୩ ଲକ୍ଷ ୪୦ ହଜାର ଟଙ୍କା ମିଳିବ। ତେବେ ଏଥର ଫିଟମେଣ୍ଟ ଫ୍ୟାକ୍ଟର ୨.୨୮ ରୁ ୨.୮୬ ରଖାଯାଇପାରେ।

# ପରିବେଶ ଦାୟିତ୍ୱବୋଧ



**ଅଶୋକ ବିଶ୍ୱାଳ**
(ପୂର୍ବତନ ପିସିସିଏଫ, ଅରୁଣାଚଳ ପ୍ରଦେଶ, ମିଜୋରାମ, ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ)

ଏବେ ଦିନଦିନ ଧରି ରହୁଥିବ ପ୍ରବଳ ଗରମ କେବଳ ଆଉ ଏକ ଗ୍ରୀଷ୍ମକାଳ ହୋଇ ରହିନାହିଁ। ପ୍ରକୃତରେ ବର୍ତ୍ତମାନ ମାନବ ଜୀବନ ଚକ୍ର ଏକ ବିପଦପୂର୍ଣ୍ଣ ପର୍ଯ୍ୟାୟ ଦେଇ ଗତି କରୁଛି। ଯଦି ଜଳବାୟୁ କାର୍ଯ୍ୟକ୍ରମମାନ ଆଲୋଚନାରୁ ପରିବର୍ତ୍ତନ ତଥା ଆକ୍ସନ ବା ପ୍ରକୃତ କାର୍ଯ୍ୟ ଆଡ଼କୁ ନଯାଏ, ତେବେ ମଣିଷକୁ ବିଚଳିତ କରୁଥିବା ତାପମାନ ଆହୁରି ବୃଦ୍ଧି ପାଇପାରେ। ଫଳରେ ସମାଜରେ ଘୋର ଅସ୍ଥିରତା ଦେଖାଦେବ। ଉଦାହରଣରେ ଟିଟଲାଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡା, ବୌଦ୍ଧ ଏବଂ ଅନୁଗୁଳ ଇତ୍ୟାଦି ସ୍ଥାନକୁ ନିଆଯାଇପାରେ। ସେସବୁ ଜାଗାରେ ତାପମାନ ବାରମ୍ବାର ୪୪ ବା ୪୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଯାଉଛି। ଏହି ତାପମାନ ମଣିଷ ଶରୀର ପାଇଁ ପ୍ରାକୃତିକ ଭାବେ ବିପଜ୍ଜନକ। ଶରୀର ସହଜରେ ଆଉ ତାପ ସନ୍ତୁଳନ କରିପାରୁ ନାହିଁ। ଅନେକ ସହରରେ ରାସ୍ତାଗୁଡ଼ିକ ଏତେ ଗରମ ହୋଇଯାଉଛି ସତେ ଯେମିତି ଫର୍ଣ୍ଣେସର ବାହାରିଥିବା ଗରମ ଲୁହା ପ୍ଲେଟ୍। ତତଲା ପବନରେ ଲୋକେ ଛାଟିପିଟି ହେଉଛନ୍ତି। ଦିନ ଟିକେ ଅଧିକ ହେଉହେଉ ଦୋକାନ ବଜାରଗୁଡ଼ିକ ଖାଲି ହୋଇଯାଉଛି। ଶ୍ରମିକମାନେ ଛାଇ ଖୋଜୁଛନ୍ତି ଆଉ ନିର୍ମାଣ କାମ ମନ୍ଥର ହୋଇଯାଉଛି। ଆଜିକାଲି ଭୁବନେଶ୍ୱର ଆଉ କଟକ ପରି ସହରାଞ୍ଚଳରେ ହ୍ୟୁମିଡିଟି ବା ଆର୍ଦ୍ରତା ବହୁ ଗୁଣରେ ବୃଦ୍ଧି ପାଉଛି, ଫଳରେ ଲୋକେ ଘରେ ରହି ମଧ୍ୟ ଠିକରେ ନିଃଶ୍ୱାସ ନେଇପାରୁନାହାନ୍ତି। ସିଲିଂ ଫ୍ୟାନ୍‌ରୁ କେବଳ ଗରମ ପବନ ଆସୁଛି। ସନ୍ଧ୍ୟା ବା ରାତି ସବୁ ଆଉ ଥଣ୍ଡା ହେଉନାହିଁ। ନିଦ ଧୀରେ କଷ୍ଟକର ହୋଇଯାଉଛି। ଫଳରେ ଶରୀର ପୀଡା ତଥା ଅନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟାମାନ ସୃଷ୍ଟି ହେଉଛି। ଲୋକେ ଏୟାର କଣ୍ଡିସନର ଖୋଜିଚାଲିଛନ୍ତି। ଏମିତି କେତେ ଦାରୁଣ ଦୃଶ୍ୟର ବର୍ଣ୍ଣନା ରହିଛି ଏହି ଅସ୍ୱାଭାବିକ ଗ୍ରୀଷ୍ମର। ଓଡ଼ିଶାରେ ଜଳବାୟୁ ପରିବର୍ତ୍ତନ ଆଉ କେବଳ ପୁସ୍ତକ ବା ଦୂର ବୈଜ୍ଞାନିକ ଯୁକ୍ତିରେ ସୀମିତ ହୋଇ ରହିଯାଇନି। ଏବେ ଏହା ଡିହାଇଡ୍ରେସନ୍ ଆଉ ଅଂଶୁଘାତ ଚିକିତ୍ସା କରୁଥିବା ଡାକ୍ତଖାନାର ୱାର୍ଡମାନଙ୍କରେ ଦୃଶ୍ୟମାନ ହେଲାଣି। ଗ୍ରୀଷ୍ମ ପ୍ରବାହ ସ୍ୱାସ୍ଥ୍ୟ ଉପରେ ଗୁରୁତର ପ୍ରଭାବ ପକାଉଛି। ଡାକ୍ତରମାନେ ବାରମ୍ବାର ନାଗରିକମାନଙ୍କୁ ମଧ୍ୟାହ୍ନ ସମୟରେ ସିଧାସଳଖ ସୂର୍ଯ୍ୟକିରଣ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଉଛନ୍ତି। ବୟସ୍କ ନାଗରିକ ଏବଂ ପିଲାମାନଙ୍କ କ୍ଷେତ୍ରରେ ଗୁରୁତର ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେପାରେ ବୋଲି କହୁଛନ୍ତି। ଏମତି ଉତ୍ତାପର ବୃଦ୍ଧି ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରୁଛି। ପରିବେଶ ଅଧିକ ଗରମ ରହୁଥିବାରୁ ଚିଡିଚିଡାପଣ, ଥକାପଣ, ନିଦ୍ରାରେ ବ୍ୟାଘାତ, କାର୍ଯ୍ୟଦକ୍ଷତା ହ୍ରାସ ଏବଂ ମାନସିକ ଚାପ ଆଦି ସୃଷ୍ଟି ହେଉଛି। ବୈଠକଖାନା ବା ଖଟିମାନଙ୍କରେ ପାଣିପାଗ, ଜଳର ଅଭାବ, ଫସଲ ହ୍ରାସ, ଅସହ୍ୟ ଗ୍ରୀଷ୍ମ ଏବଂ ଅନିଶ୍ଚିତ ମୌସୁମୀ ସଂପର୍କରେ ଆଲୋଚନା ମଧ୍ୟ ଚାଲିଛି। ପୋଖରୀ ସବୁ ଶୁଖିଯାଉଛି, ଭୂତଳ ଜଳ ସ୍ତର ହ୍ରାସ ହେଉଛି, ସମୟରେ ବର୍ଷା ହେଉନାହିଁ, ଫସଲ ଉତ୍ପାଦନରେ ପର୍ଯ୍ୟାପ୍ତ ବାଧା ଆସୁଛି। ବିଦ୍ୟୁତ୍ ବ୍ୟବହାର ବହୁଗୁଣରେ ବଢ଼ିଯାଇଛି। ସାଧାରଣ ନାଗରିକମାନେ ଅସ୍ୱାଭାବିକ ଉତ୍ତାପ କାରଣରୁ ଅତିଷ୍ଠ ହେଉଛନ୍ତି। ସମସ୍ତେ ଅନୁଭବ କରୁଛନ୍ତି ପ୍ରତ୍ୟେକ ଗ୍ରୀଷ୍ମ ପୂର୍ବ ବର୍ଷ ଅପେକ୍ଷା ଅଧିକରୁ ଅଧିକ କଷ୍ଟକର ହୋଇଚାଲିଛି। ଜୀବନ ଗ୍ରୀଷ୍ମ ପ୍ରବାହରେ ନିଜର ଦିଗହରାଉଛି। ସବୁ ତାଳ ତାଳ ବେତାଳ ହୋଇଚାଲିଛି। କେବଳ ତାପମାତ୍ରା ବୃଦ୍ଧିର ଷ୍ଟାଟିଷ୍ଟିକସ ବା ପରିସଂଖ୍ୟାନ ଦେଖିଲେ ପରିବେଶଗତ ସଙ୍କଟ ଚିନ୍ତାଜନକ ଲାଗିବ। ତେଣୁ ଜଳବାୟୁ ପରିବର୍ତ୍ତନ ଉପରେ ଲୋକଙ୍କ ସଚେତନତାର ଆବଶ୍ୟକ ଅଛି। ତେଣୁ 'କ୍ଲାଇମେଟ ଆକ୍ସନ ବା ଜଳବାୟୁ କାର୍ଯ୍ୟାନୁଷ୍ଠାନ'କୁ ଭଲଭାବେ ବୁଝିବା ଅତି ଆବଶ୍ୟକ। ଆମ ରାଜ୍ୟ ପରିବେଶ ଦିଗରୁ ଅତି ସମ୍ବେଦନଶୀଳ। ଆଗରୁ ବଙ୍ଗୋପସାଗରରୁ ବାରମ୍ବାର ଘୂର୍ଣ୍ଣିବାତ୍ୟା ଆସିଛି। ଅନିୟମିତ ମୌସୁମୀ କାରଣରୁ କୃଷି ପ୍ରଭାବିତ ହୋଇଛି। ବନ୍ୟା ଏବଂ ମରୁଡି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବର୍ତ୍ତମାନର ତାପମାତ୍ରାର ଦ୍ରୁତ ପରିବର୍ତ୍ତନ ପାଣିପାଗକୁ ଆହୁରି ଅନିଶ୍ଚିତ କରିଦେଉଛି। ବୈଜ୍ଞାନିକମାନେ ଚେତାବନୀ ଦେଉଛନ୍ତି ଯେ ବର୍ଦ୍ଧିତ ବିଶ୍ୱ ତାପମାନ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଆଣିବ। ଓଡ଼ିଶାର ସାଂପ୍ରତିକ ଗ୍ରୀଷ୍ମ ଋତୁ ସେହି ଚେତାବନୀକୁ ସଠିକ ବୋଲି ପ୍ରମାଣିତ କରୁଛି। ସମସ୍ତେ ଅନୁଭବ କରୁଛନ୍ତି ଯେ ଦ୍ରୁତ ସହରୀକରଣ ପରିସ୍ଥିତିକୁ ବହୁ ଅଧିକ ପରିମାଣରେ ଜଟିଳ କରୁଛି। ଏକଦା ସବୁଜ ଏବଂ ଯୋଜନାବଦ୍ଧ ଲେଆଉଟ୍ ପାଇଁ ପ୍ରସିଦ୍ଧ ଭୁବନେଶ୍ୱରର ଅନେକ ଅଞ୍ଚଳ ଏବେ 'ଅର୍ବାନ ହିଟ ଆଇଲାଣ୍ଡ ବା ସହରୀ ତାପ ଦ୍ୱୀପ'ରେ ପରିଣତ ହୋଇଛି। ରାସ୍ତାରୁ ବିଶାଳ ବୃକ୍ଷମାନ କଟାଚାଲିଛି, ତୋଟାମାନ ହାଉସିଂ କଲୋନୀରେ ପରିବର୍ତ୍ତିତ ହେଉଛି, ସବୁଜ ମହାଦ୍ରୁମମାନ ପ୍ରାୟ ଅଦୃଶ୍ୟ ହୋଇଗଲାଣି। ଖୋଲା ଜମିସବୁକୁ କଂକ୍ରିଟ୍ ଅଚ୍ଛାଦିତ କରିବାପାଇଁ ଭିନ୍ନ ଭିନ୍ନ ସଂସ୍ଥାମାନେ ନିଜ ଭିତରେ ତୀବ୍ର ପ୍ରତିଦ୍ୱନ୍ଦିତା କରୁଛନ୍ତି। ପ୍ରତି କନ୍ଦିବିକନ୍ଦିରେ ପିଚୁ ରାସ୍ତା ଆଉ ଘରସବୁ କଂକ୍ରିଟ, କାଚ ତଥା ଇସ୍ପାତ ଦ୍ୱାରା ତିଆରି। କଂକ୍ରିଟ ସହର ଖୋଲା ପଥର ଭଳି ଜଲଦି ଅଧିକ ତାପ ଶୋଷଣ କରେ ଆଉ ଜଲଦି ତାପ ବିକିରଣ କରେ। ପରିବେଶକୁ ପ୍ରବଳ ଗରମ କରିଦିଏ। ଫଳତଃ ସୂର୍ଯ୍ୟାସ୍ତ ପରେ ମଧ୍ୟ ସହରର ତାପମାନ ଉଚ୍ଚ ରହୁଛି। ତଳୁଆ ଜଳୀୟ ଭୂମିଗୁଡିକ ପୋତାଯିବାକୁ ସମସ୍ତେ ଶ୍ରେୟ ମାନୁଛନ୍ତି। ନିର୍ମାଣ ପାଇଁ ପାଣି ପଙ୍କ ଭରା ପୁଷ୍କରିଣୀମାନଙ୍କୁ ଅଦରକାରୀ ମନେକରାଯାଇ ମାଟି ବା ବାଲିରେ ପୋତାଯାଉଛି। ବଡ ଦୁଃଖର କଥା ହେଉଛି କିଛି ସ୍ଥାନରେ ଆବଶ୍ୟକତା ଦର୍ଶାଇ ଏମିତିକି ମନ୍ଦିର ବା ଗ୍ରାମ୍ୟ ପୋଖରୀସବୁକୁ ପୋତାଯାଇ ସେଠାରେ ପାର୍କ ବା ସାଂସ୍କୃତି କାର୍ଯ୍ୟକ୍ରମ କରାଯିବାକୁ ଉଚିତ ମନେକରାଯାଉଛି। କିନ୍ତୁ ପ୍ରତ୍ୟେକ ପୋଖରୀ ବା ଆର୍ଦ୍ରଭୂମି ପରିବେଶରେ ଶୀତଳତା ଆଣେ ଏବଂ ବର୍ଷା ଜଳକୁ ଧାରଣ କରି ଭୂତଳ ଜଳକୁ ପୁନଃକ୍ଷମ କରାଏ। ସମସ୍ତେ ସବୁ ବୁଝି ଅବୁଝା ହେଉଛନ୍ତି। ଏଇଠି ପ୍ରଶ୍ନ ଆଉ ବିଚାର ବହୁତ ଅଛି। ସମସ୍ତଙ୍କ ମତ, ବିକାଶର ଯାତ୍ରା ବଜାୟ ରହୁ, ସବୁଜିମା ବା ଜଳରାଶି ବାଧା ନପାଲଟୁ। ତେଣୁ ପରିବେଶର ସୁରକ୍ଷା କେବଳ ଯୁକ୍ତିର କାଗଜ ହୋଇଯାଇଛି। କିନ୍ତୁ ଜାଣିବା ଦରକାର ଯେ ପ୍ରକୃତି ପରେ ପ୍ରଳୟର ରୂପ ନିଏ। ତେଣୁ ଏହି ଅସ୍ୱାଭାବିକ ଗ୍ରୀଷ୍ମ ପ୍ରବାହକୁ କେବଳ ବାର୍ଷିକ ପାଗ ପରିବର୍ତ୍ତନ ହିସାବରେ ଆକଳନ କରିବା ଅନୁଚିତ। ଏହା ହେଉଛି ଦଶନ୍ଧି ଦଶନ୍ଧି ଧରି ପରିବେଶ ପ୍ରତି ଅବହେଳାର ଆଗ୍ନେୟ ଉଦ୍‌ଗୀରଣ। ପରିବେଶଗତ ଅସନ୍ତୁଳନ ଏବେ ବିପଜ୍ଜନକ ହୋଇଯାଇଛି। ପ୍ରଶ୍ନ ଏଇଠି କେବଳ ପରିବେଶ ସୁରକ୍ଷା ଉପରେ ନୁହେଁ, ପରନ୍ତୁ ଏହାଠାରୁ ବହୁ ବଡ ସଙ୍କଟ ଯାହା ହେଉଛି ଏକ ସୁସ୍ଥ ଭବିଷ୍ୟତ ବାସସ୍ଥାନ। ତେଣୁ, ପରିବେଶ ପରିବର୍ତ୍ତନକୁ ଗମ୍ଭୀରତାର ସହ ନିଆଗଲେ ବହୁ ସମସ୍ୟାର ସମାଧାନ ସମ୍ଭବ ହେବ। ପ୍ରଥମ ତଥା ସବୁଠାରୁ ଜରୁରୀ ଆବଶ୍ୟକତା ହେଉଛି ସବୁଜିମାର ସୁରକ୍ଷା ତଥା ପୁନରୁଦ୍ଧାର। ମନେରଖିବାକୁ ହେବ ପୁରାତନ ବୃକ୍ଷମାନ କେବଳ ସବୁଜିମା ବୃଦ୍ଧିକରେ ନାହିଁ, ତାଠାରୁ ବେଶି ଅଧିକ ଉପଯୋଗୀ ଏକ ଏକ ମାଇକ୍ରୋ କ୍ଲାଇମେଟ ସୃଷ୍ଟିକରେ। ସ୍ଥାନୀୟ ଜଳବାୟୁ ପାଇଁ ଉପଯୁକ୍ତ ସ୍ଥାନୀୟ ପ୍ରଜାତିର ବୃକ୍ଷାରୋପଣ ତଥା ବର୍ତ୍ତମାନର ବୃକ୍ଷରାଜିର ସୁରକ୍ଷା ଅତି ଆବଶ୍ୟକ। ଦ୍ରୁତ ସହରୀକରଣ ଆଗରେ ଏକ ଦୃଢ ସବୁଜ ପ୍ରତିରକ୍ଷା ବଳୟର ଅତି ଆବଶ୍ୟକତା ଅଛି। ଗ୍ରାମାଞ୍ଚଳରେ ଗୋଚର ଆଉ ଅନାବାଦୀ ଭୂମିକୁ ଅନ୍ୟକାମରେ ବ୍ୟବହାର ନକରି କେବଳ ଚାରଣ ଭୂମି ତଥା ବୃକ୍ଷଭୂମି ବା ତୋଟାରେ ପରିଣତ କରିବା ଜରୁରୀ। ରାସ୍ତାରେ ଗଛଗୁଡିକୁ କେବଳ ସଜାଇହୋଇଥିବା ପଦାର୍ଥ ନଭାବି, ଏହା ଜଳବାୟୁ ପରିବର୍ତ୍ତନ ଆଗରେ ପ୍ରଥମ ସୁରକ୍ଷା ବୋଲି ଭାବିବା ଦରକାର। ଏକ ବିଶାଳ ବୃକ୍ଷ ପାରିପାର୍ଶ୍ୱିକ ତାପମାତ୍ରାକୁ ଯଥେଷ୍ଟ ହ୍ରାସ କରେ, ପବନର ଗୁଣବତ୍ତାକୁ ଉନ୍ନତ କରେ, ଜୈବ ବିବିଧତାର ସ୍ଥାୟିତ୍ୱ ରଖେ। ଫଳତଃ ଶକ୍ତିର ବ୍ୟବହାର କମ ହୁଏ। ଦ୍ୱିତୀୟତଃ, ଜଳ ସଂରକ୍ଷଣ ଉପରେ ଉପଯୁକ୍ତ ଗୁରୁତ୍ୱ ଦେବା ଆବଶ୍ୟକ। ପୁରୁଣା ଦିନମାନଙ୍କରେ ପାରମ୍ପରିକ ପୋଖରୀ, ଜୋର ଏବଂ ବର୍ଷାଜଳ ଅମଳର ଅନ୍ୟାନ୍ୟ ବ୍ୟବସ୍ଥାମାନ ରାଜ୍ୟର ପରିବେଶଗତ ସ୍ଥିରତା ରଖିପାରୁଥିଲା। ସେସବୁକୁ ଏବେ ଅବହେଳା କରାଯାଇଛି ଆଉ ବହୁ ଜାଗାରେ ଭୂମିକୁ ଜବରଦଖଲ କରାଯାଇଛି। ସେଗୁଡ଼ିକର ପୁନଃରୁଦ୍ଧାର କରାଗଲେ ଜଳ ଯୋଗାଣ ବ୍ୟବସ୍ଥା ତଥା ଭୂତଳ ଜଳସ୍ତରରେ ଉନ୍ନତି ଘଟିବ ଏବଂ ସ୍ଥାନୀୟ ତାପମାତ୍ରା ନିୟନ୍ତ୍ରଣ ହୋଇପାରିବ। ତୃତୀୟତଃ, ସହରାଞ୍ଚଳ ଯୋଜନାରେ କିଛି ମୌଳିକ ପରିବର୍ତ୍ତନ ହେବା ଉଚିତ। ପରିବେଶଗତ ସୁରକ୍ଷା ବିନା ସହରଗୁଡ଼ିକ କେବଳ କଂକ୍ରିଟ୍ ଜଙ୍ଗଲ। ସବୁ ଚାକଚକ୍ୟ ଅଛି, କିନ୍ତୁ ଜୀବନ ପାଇଁ ସବୁଠାରୁ ମୌଳିକ ପଦାର୍ଥ ବା ଉପଯୁକ୍ତ ବାୟୁ ନାହିଁ। ସବୁଜ କରିଡର, ଛାଇଯୁକ୍ତ ପଦଯାତ୍ରା ପଥ, ଛାତ ବା ରୁଫଟପ ଉଦ୍ୟାନ, ତାପ-ନିରୋଧୀ ସ୍ଥାପତ୍ୟ ଏବଂ ସଂରକ୍ଷିତ ଆର୍ଦ୍ରଭୂମି ଉପରେ ଧ୍ୟାନ କେନ୍ଦ୍ର କରିବାକୁ ପଡିବ। ସହରରେ ଏକ ସ୍ୱଚ୍ଛନ୍ଦ ଜୀବନଯାପନ ପାଇଁ ଏହା ଅତି ଆବଶ୍ୟକ। ଶେଷରେ, ଜଳବାୟୁ ସୁରକ୍ଷା କେବଳ ଏକ ଦିନିକିଆ କାର୍ଯ୍ୟକ୍ରମ ହେବା ଉଚିତ ନୁହେଁ ବରଂ ଏହା ସମାଜର ଏକ ସାଂସ୍କୃତିକ ଉତ୍ସବ ହିସାବରେ ପରିଗଣିତ ହେବା ଅତି ଆବଶ୍ୟକ। ତେଣୁ ପରିବେଶ ଦିବସମାନ କେବଳ ଭାଷଣ, ବ୍ୟାନର ଏବଂ ପ୍ରତୀକାତ୍ମକ ବୃକ୍ଷ ରୋପଣ ଅଭିଯାନରେ ସୀମିତ ହେବା ଉଚିତ ନୁହେଁ। ପରିବେଶଗତ ଦାୟିତ୍ୱକୁ ଦୈନନ୍ଦିନ ଜୀବନରେ ପ୍ରତିଫଳିତ କରାଇବାକୁ ପଡିବ। ବର୍ଜ୍ୟବସ୍ତୁର ହ୍ରାସ, ଦାୟିତ୍ୱର ସହ ଶକ୍ତିର ବ୍ୟବହାର, ସାଧାରଣ ପରିବହନ ବ୍ୟବସ୍ଥାର ଅଧିକ ପ୍ରୟୋଗ, ଜଳ ସଂରକ୍ଷଣ ଏବଂ ସ୍ଥାନୀୟ ଜୈବପରିବେଶର ସୁରକ୍ଷା ଇତ୍ୟାଦିରେ ପ୍ରଗାଢ ନିଷ୍ଠା ରହିବା ଦରକାର। ଆମ ରାଜ୍ୟ ପୂର୍ବରୁ ଅସାଧାରଣ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିଭୀଷିକା ସମୟରେ ସାମାଜିକ ସ୍ଥିରତା ଦେଖାଇଛି ଆଉ ବିଶ୍ୱ ଦରବାରରେ ପ୍ରଶଂସିତ ହୋଇଛି। ସେହି ସମୟର ପ୍ରୟାସ, ସାହସ, ଶୃଙ୍ଖଳା ଏବଂ ସାମୂହିକ ସଂହତି ଅନ୍ୟ ପ୍ରଦେଶପାଇଁ ଅନୁକରଣଯୋଗ୍ୟ ହୋଇଛି। ତେଣୁ ଆଜିର ଏହି ଆହ୍ୱାନ ବା ଜଳବାୟୁ ପରିବର୍ତ୍ତନ ପାଇଁ ସାମାଜିକ ଦାୟିତ୍ୱବୋଧ ସମାନୁପତିକ ବା ଅଧିକ ନିଷ୍ଠାର ସହ ପାଳିତ ହେବା ଅପରିହାର୍ଯ୍ୟ। ପ୍ରତିଦିନ ଲୋକଙ୍କୁ ମନେପକାଇବାକୁ ପଡିବ ପରିବେଶ ସୁରକ୍ଷା ପାଇଁ ସେମାନଙ୍କର ମଧ୍ୟ ଗୁରୁ ଦାୟିତ୍ୱ ରହିଛି।

# ମଳମାସ ଏବଂ ଏହାର ଶାସ୍ତ୍ରୀୟ ମାନ୍ୟତା



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର

ଭାରତୀୟ ସଂସ୍କୃତି ଏବଂ ଧାର୍ମିକ ପରମ୍ପରାରେ ସମୟ ଗଣନାକୁ ବହୁତ ଗୁରୁତ୍ୱ ଦିଆଯାଏ। ଆକାଶରେ ଗ୍ରହ, ନକ୍ଷତ୍ର, ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କ ଗତିକୁ ଅନୁସରଣ କରି ଋଷିମୁନିମାନେ ଯେଉଁ ସମୟ ଗଣନା ପ୍ରଣାଳୀ ସୃଷ୍ଟି କରିଥିଲେ ତାହାକୁ ପଞ୍ଜିକା କିମ୍ବା ପାଞ୍ଜି କୁହାଯାଏ। ଏହି କ୍ୟାଲେଣ୍ଡରରେ ବର୍ଷ, ମାସ, ପାଳକ, ତିଥି, ନକ୍ଷତ୍ର ଇତ୍ୟାଦି ତାଲିକାଭୁକ୍ତ କରାଯାଇଛି। ହିନ୍ଦୁ ସମାଜରେ ସମସ୍ତ ପର୍ବ, ଉପବାସ, ବିବାହ, ଗୃହସ୍ଥାପନ ଉତ୍ସବ ଇତ୍ୟାଦି ଏହି କ୍ୟାଲେଣ୍ଡର ଅନୁସାରେ ପାଳନ କରାଯାଏ। କେତେକ ସମୟରେ ଏହି କ୍ୟାଲେଣ୍ଡରରେ ଏକ ବିଶେଷ ମାସ ପଡ଼ିଥାଏ, ଯାହାକୁ ମଳମାସ , ଅଧିକ ମାସ କିମ୍ବା ପୁରୁଷୋତ୍ତମ ମାସ କୁହାଯାଏ। ଏହି ମାସକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅନେକ ବିଶ୍ୱାସ ଏବଂ ଅନ୍ଧବିଶ୍ୱାସ ରହିଛି। କେତେକ ଏହାକୁ ଏକ ଅଶୁଭ ମାସ ବୋଲି ବିବେଚନା କରନ୍ତି ତ ଅନ୍ୟ କେତେକ ଏହାକୁ ଭଗବାନ ବିଷ୍ଣୁଙ୍କ ପବିତ୍ର ମାସ ବୋଲି ବିବେଚନା କରନ୍ତି। ତେଣୁ ପ୍ରଶ୍ନ ହେଉଛି ମଳମାସ କ'ଣ ? ଏହାକୁ କାହିଁକି ମଳମାସ କୁହାଯାଏ ? ତେବେ ଏହା ପଛରେ ଧାର୍ମିକ ଏବଂ ବୈଜ୍ଞାନିକ ଗୁରୁତ୍ୱ ମଧ ଅଛି। ମଳମାସ ଶବ୍ଦ ଦୁଇଟି ଶବ୍ଦରେ ଗଠିତ। ଯଥା - ମଳ ଏବଂ ମାସ। ମଳମ ଅର୍ଥ ଅଶୁଦ୍ଧ କିମ୍ବା ଅତିରିକ୍ତ ଏବଂ ମାସ ଅର୍ଥ ମାସ। ଏହା ସାଧାରଣତଃ ବର୍ଷର ନିୟମିତ ମାସଗୁଡ଼ିକରେ ଯୋଡା ଯାଇଥିବା ଏକ ଅତିରିକ୍ତ ମାସକୁ ବୁଝାଏ। ହିନ୍ଦୁ କ୍ୟାଲେଣ୍ଡର ଚନ୍ଦ୍ର ଏବଂ ସୂର୍ଯ୍ୟଙ୍କ ଗତି ଉପରେ ଆଧାରିତ। ଏକ ଚନ୍ଦ୍ର ବର୍ଷ ପ୍ରାୟ ୩୫୪ ଦିନ ଲମ୍ବା ଯେତେବେଳେ ଏକ ସୌର ବର୍ଷ ପ୍ରାୟ ୩୬୫ ଦିନ ଲମ୍ବା। ଏହି ଦୁଇଟି ଗଣନା ମଧ୍ୟରେ ପ୍ରାୟ ୧୧ ଦିନର ପାର୍ଥକ୍ୟ ଅଛି। ଏହି ପାର୍ଥକ୍ୟକୁ ସଜାଡ଼ିବା ପାଇଁ ପ୍ରତି ତିନି ବର୍ଷରେ ଏକ ଅତିରିକ୍ତ ମାସ ଯୋଡା ଯାଇଥାଏ। ଏହି ଅତିରିକ୍ତ ମାସକୁ ପୁରୁଷୋତ୍ତମ ମାସ କିମ୍ବା ମଳମାସ କୁହାଯାଏ।

ମଳମାସ ମୁଖ୍ୟ କାରଣ ହେଉଛି ଚନ୍ଦ୍ର ବର୍ଷ ଏବଂ ସୌର ବର୍ଷ ମଧ୍ୟରେ ପାର୍ଥକ୍ୟ। ଚନ୍ଦ୍ର ପୃଥିବୀ ଚାରିପାଖରେ ଘୂର୍ଣ୍ଣନ କରିବାକୁ ପ୍ରାୟ ୨୯.୫ ଦିନ ସମୟ ନିଏ। ଫଳସ୍ୱରୂପ, ୧୨ ଚନ୍ଦ୍ର ମାସ ମିଶି ପ୍ରାୟ ୩୫୪ ଦିନ ହୁଏ। ପୃଥିବୀ ସୂର୍ଯ୍ୟ ଚାରିପାଖରେ ଘୂର୍ଣ୍ଣନ କରିବାକୁ ପ୍ରାୟ ୩୬୫ ଦିନ ଏବଂ ୬ ଘଣ୍ଟା ସମୟ ନିଏ। ପ୍ରତିବର୍ଷ ଏହି ଦୁଇଟି ଗଣନା ମଧ୍ୟରେ ପ୍ରାୟ ୧୧ ଦିନର ପାର୍ଥକ୍ୟ ଅଛି। ଏହି ପାର୍ଥକ୍ୟ ତିନି ବର୍ଷରେ ପ୍ରାୟ ୩୩ ଦିନ ଯୋଡା ଯାଏ, ଯାହା ପ୍ରାୟ ଏକ ମାସ ସହିତ ସମାନ। ଏହି ପାର୍ଥକ୍ୟକୁ ପୂରଣ କରିବା ପାଇଁ ଏକ ଅତିରିକ୍ତ ମାସ ଯୋଡା ଯାଏ। ଏହାକୁ ଅତିରିକ୍ତ ମାସ କିମ୍ବା ଅଧିକ ମାସ କୁହାଯାଏ। ଏହି ଅତିରିକ୍ତ ମାସକୁ ବିଭିନ୍ନ ନାମରେ ଡକାଯାଏ। ପୁରୁଷୋତ୍ତମେ ମାସ ନାମ କରଣର କାରଣ ଏହା ଯେ ଏହାକୁ ଭଗବାନ ବିଷ୍ଣୁଙ୍କ ପାଇଁ ପବିତ୍ର ବୋଲି ବିବେଚନା କରାଯାଏ ଏବଂ ମଳମାସ ମାସ କାରଣ ଏହି ମାସରେ କୌଣସି ସାଧାରଣ ଶୁଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ ନାହିଁ। ପ୍ରାଚୀନ କାଳରେ, ଏହି ମାସରେ ବିବାହ ଏବଂ ଗୃହସ୍ଥାପନ ଭଳି ଶୁଭ କାର୍ଯ୍ୟକ୍ରମ କରାଯାଉନଥିଲା। ତେଣୁ, ଲୋକମାନେ ଏହାକୁ ମଳମାସ ମାସ ବୋଲି କହିବା ଆରମ୍ଭ କଲେ କାରଣ ସେମାନେ ଏହାକୁ ଅଶୁଭ କିମ୍ବା ଅଶୁଭ ବୋଲି ଭାବୁଥିଲେ। କିନ୍ତୁ ପୁରାଣ ଅନୁସାରେ, ଏହି ମାସ କେବେ ଅଶୁଭ ନୁହେଁ। ଭଗବାନ ବିଷ୍ଣୁ ଏହାକୁ ନିଜର ନାମ ପୁରୁଷୋତ୍ତମ ଦେଇ ପବିତ୍ର କରିଥିଲେ। ତେଣୁ, ଏହାକୁ ପୁରୁଷୋତ୍ତମ ମାସ ମଧ କୁହାଯାଏ।

ପଦ୍ମ ପୁରାଣ ଅନୁସାରେ ଥରେ ଏହି ଅତିରିକ୍ତ ମାସ ନିଜକୁ ଅପମାନିତ ଅନୁଭବ କଲେ କାରଣ କୌଣସି ଦେବତା ଏହାକୁ ନିଜର ମାସ ବୋଲି ବିବେଚନା କରିନଥିଲେ। ଏଥିରେ ଅନ୍ୟ ମାସର ମହିମା ନଥିଲା। ତେଣୁ ଏହି ମଳମାସ ବହୁତ ଦୁଃଖିତ ହୋଇ ଭଗବାନ ବିଷ୍ଣୁଙ୍କ ପାଖକୁ ଗଲା। ମଳମାସର ଦୁଃଖ ଶୁଣି ଭଗବାନ ବିଷ୍ଣୁ କହିଲେ, ଆଜିଠାରୁ, ଆପଣ ମୋର ପ୍ରିୟ ମାସ ହେବେ। ମୁଁ ଆପଣଙ୍କୁ 'ପୁରୁଷୋତ୍ତମ ମାସ' ବୋଲି ଡାକୁଛି। ଏହି ମାସରେ ଯିଏ ଭକ୍ତି, ଦାନ, ଜପ ଏବଂ ତପସ୍ୟା କରନ୍ତି ସେ ଅପାର ପୁଣ୍ୟ ପାଆନ୍ତି। ସେହି ଦିନଠାରୁ ଏହି ମାସ ଆହୁରି ପବିତ୍ର ହୋଇଗଲା। ଏହି ମାସରେ ଧାର୍ମିକ କାର୍ଯ୍ୟକଳାପକୁ ବହୁତ ଗୁରୁତ୍ୱ ଦିଆଯାଏ। ଲୋକମାନେ ଭକ୍ତି ଏବଂ ଧ୍ୟାନରେ ଲିପ୍ତ ହୁଅନ୍ତି। ଏହି ମାସରେ ଭଗବାନ ବିଷ୍ଣୁଙ୍କ ପୂଜା କରିବା ବିଶେଷ ଫଳପ୍ରଦ ବୋଲି ବିବେଚନା କରାଯାଏ। ଭକ୍ତମାନେ ଭଗବଦ ଗୀତା, ଭାଗବତ ଏବଂ ରାମାୟଣ ପାଠ କରନ୍ତି। ଖାଦ୍ୟ, ବସ୍ତ୍ର, ଗୋରୁ ଏବଂ ଜଳ ଦାନ କରିବା ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। କିଛି ଲୋକ ଏହି ମାସରେ ଏକାଦଶୀ ଉପବାସ, ଉପବାସ ଏବଂ ନିୟମିତ ପୂଜା ପାଳନ କରନ୍ତି। ଲୋକମାନେ ପୂଜା କରିବା ପାଇଁ ପୁରୀ, କାଶୀ ଏବଂ ବୃନ୍ଦାବନ ଭଳି ପବିତ୍ର ସ୍ଥାନକୁ ଯାଆନ୍ତି। ପାରମ୍ପରିକ ଭାବରେ, ଏହି ମାସରେ ବିବାହ, ଗୃହସ୍ଥାପନ ଉତ୍ସବ, ନୂତନ ଘରକୁ ଯିବା, ନୂତନ ବ୍ୟବସାୟ ଆରମ୍ଭ କରିବା ଏବଂ ନୂତନ ଗୃହ ସ୍ଥାପନ କରିବା ଭଳି କିଛି ଶୁଭ ଘଟଣା ନିଷେଧ। କାରଣ ଏହି ମାସକୁ ଆଧ୍ୟାତ୍ମିକ ଧ୍ୟାନ, ଭୌତିକ ସୁଖରୁ ଦୂରେଇ ରହିବା ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଏ। ମଳମାସ କେବଳ ଧାର୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ବୈଜ୍ଞାନିକ ଦୃଷ୍ଟିରୁ ମଧ ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ଅତିରିକ୍ତ ମାସ ଯୋଡା ନ ହୋଇ ଥାନ୍ତା , ତେବେ ଋତୁ ଏବଂ ପର୍ବପର୍ବାଣୀରେ ଯଥେଷ୍ଟ ପରିବର୍ତ୍ତନ ଆସିଥାନ୍ତା। ଉଦାହରଣ ସ୍ୱରୂପ ଦୀପାବଳି ଗ୍ରୀଷ୍ମ ଋତୁରେ ପଡ଼ିଥାନ୍ତା। ହୋଲି ଶୀତ ଋତୁରେ ପାଳନ କରା ଯାଇ ଥାନ୍ତା। ବର୍ଷା ଋତୁରେ ରଥଯାତ୍ରା ଅନୁଷ୍ଠିତ ହୋଇପାରି ନ ଥାନ୍ତା। ତେଣୁ, ରିତୁ ସହିତ କ୍ୟାଲେଣ୍ଡରକୁ ସମାନ କରିବା ପାଇଁ ମଳମାସ ସୃଷ୍ଟି କରାଯାଇଛି। ମଳମାସ ମଣିଷକୁ ଶିକ୍ଷା ଦିଏ ଯେ ଜୀବନ କେବଳ ଭୌତିକ ସୁଖ ପାଇଁ ନୁହେଁ ବରଂ ଧନ, ଭୌତିକ ସମ୍ପତ୍ତି ଏବଂ ଆରାମ ସହିତ ଆତ୍ମ-ପବିତ୍ରତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ମାସରେ ଲୋକମାନେ ଈଶ୍ୱରଙ୍କ ନାମ ସ୍ମରଣ କରନ୍ତି, ନିଜ ମନକୁ ପବିତ୍ର କରନ୍ତି, ଦାନ କରନ୍ତି ଏବଂ ଗର୍ବ ତ୍ୟାଗ କରନ୍ତି। ଏହା ଆଧ୍ୟାତ୍ମିକ ଶାନ୍ତି ଆଣିଥାଏ। ଓଡ଼ିଶାରେ ମଳମାସକୁ ବିଶେଷ ଭକ୍ତିର ସହିତ ପାଳନ କରାଯାଏ। ଏହା ଜଗନ୍ନାଥ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ପୁରୀରେ ଭକ୍ତମାନେ ଜଗନ୍ନାଥଙ୍କୁ ଦର୍ଶନ କରନ୍ତି, ଭାଗବତ ଶୁଣନ୍ତି ଏବଂ ଭଜନ ଗାନ କରନ୍ତି। ଗାଁରେ ପ୍ରତ୍ୟେକ ଘରର ମହିଳାମାନେ ଉପବାସ କରନ୍ତି ଏବଂ ପୂଜା କରନ୍ତି। କିଛି ଲୋକ ଭାବନ୍ତି ଯେ ଏହି ମାସରେ କୌଣସି ଶୁଭ କାର୍ଯ୍ୟ କଲେ ଦୁର୍ଭାଗ୍ୟ ଆସିଥାଏ। କିନ୍ତୁ ଏହା ସତ୍ୟ ନୁହେଁ। ମଳମାସ ଅଶୁଭ ନୁହେଁ ବରଂ ଏହା ଭକ୍ତି ଏବଂ ଆତ୍ମ-ଶୁଦ୍ଧିର ମାସ। ଶାସ୍ତ୍ରରେ କୁହାଯାଇଛି ଯେ ଏହି ମାସରେ କରାଯାଇଥିବା ଭଲ କାମର ଫଳ ବହୁଗୁଣିତ ହୁଏ। ଜଗନ୍ନାଥ ସଂସ୍କୃତିର ଓଡ଼ିଆ ଲୋକଙ୍କ ଆଧ୍ୟାତ୍ମିକ ଜୀବନ ଉପରେ ଗଭୀର ପ୍ରଭାବ ଅଛି। ପୁରୁଷୋତ୍ତମ ଶବ୍ଦଟି ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କ ସହିତ ଜଡିତ। ତେଣୁ ଓଡ଼ିଶାରେ ମଳମାସକୁ ବହୁତ ଶ୍ରଦ୍ଧାର ସହିତ ପାଳନ କରାଯାଏ। ଏହି ସମୟରେ ପୁରୀରେ ଅନେକ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ମଳମାସ ହେଉଛି ହିନ୍ଦୁ କ୍ୟାଲେଣ୍ଡରରେ ଏକ ବିଶେଷ ମାସ ଯାହା ଚନ୍ଦ୍ର ଏବଂ ସୌର ବର୍ଷର ପାର୍ଥକ୍ୟକୁ ସନ୍ତୁଳିତ କରିବା ପାଇଁ ଯୋଡା ଯାଇଥାଏ। ଯଦିଓ ଏହାକୁ ମାଳମାସ କୁହାଯାଏ ଏହା ଏକ ଅଶୁଭ ମାସ ନୁହେଁ। ବରଂ ଏହାକୁ ଭଗବାନ ବିଷ୍ଣୁଙ୍କ ପବିତ୍ର 'ପୁରୁଷୋତ୍ତମ ମାସ' ଭାବରେ ଜଣାଶୁଣା।

# ବାଣପୁର ପାଇକ ବିଦ୍ରୋହ : ଓଡ଼ିଆ ଅସ୍ମିତାର ଏକ ଅନନ୍ୟ ଅଗ୍ନିଶିଖା




**ବିଶ୍ୱବିଜୟୀ ଦାଶ**
ସମ୍ପାଦକ, ବ୍ରଜବିଳାସ ଇ-ପତ୍ରିକା
ବାଣପୁର, ଖୋର୍ଦ୍ଧା
ପିନ୍ ନଂ - ୭୫୨୦୩୫
ମୋ- ୬୩୭୦୨୦୮୪୨୮

ଓଡ଼ିଶାର ସ୍ୱାଭିମାନ, ସାହସ ଓ ଆତ୍ମବଳିଦାନର ଇତିହାସରେ ବାଣପୁର ପାଇକ ବିଦ୍ରୋହ ଏକ ଅମର ଅଧ୍ୟାୟ। ଏହା କେବଳ ଏକ ବିଦ୍ରୋହ ନୁହେଁ, ବରଂ ମାତୃଭୂମିର ସମ୍ମାନ ରକ୍ଷା ପାଇଁ ଓଡ଼ିଆ ଜାତିର ଅଦମ୍ୟ ସଂକଳ୍ପ, ଅସୀମ ସାହସ ଓ ସ୍ୱାଧୀନତା ଆକାଂକ୍ଷାର ଜ୍ୱଳନ୍ତ ପ୍ରତୀକ। ୧୮୧୭ ମସିହାରେ ଆରମ୍ଭ ହୋଇଥିବା ପାଇକ ଆନ୍ଦୋଳନର ଅଗ୍ନିଶିଖା ୧୮୩୬ ମସିହାରେ ବାଣପୁରର ପବିତ୍ର ମାଟିରେ ପୁନର୍ବାର ପ୍ରଜ୍ୱଳିତ ହୋଇ ବ୍ରିଟିଶ ସାମ୍ରାଜ୍ୟର ଭିତ୍ତିକୁ କମ୍ପିତ କରିଥିଲା।

ଏହି ମହାନ ବିଦ୍ରୋହର ମହାନାୟକ ଥିଲେ ଅରାଙ୍ଗଗଡ଼ର ଦଳବେହେରା, ବୀର ବିପ୍ଳବୀ କୃତ୍ତିବାସ ପାଟଶାଣୀ। ତାଙ୍କ ଜନ୍ମସ୍ଥାନ ହେଉଛି ଖୋର୍ଦ୍ଧା ଜିଲ୍ଲା ସ୍ଥିତ ବାଣପୁର ବ୍ଲକ ଅନ୍ତର୍ଗତ ଦେଓଗାଁ ଗ୍ରାମରେ। ତାଙ୍କ ପିତାଙ୍କ ନାମ ଶ୍ୟାମସୁନ୍ଦର ପାଟଶାଣୀ।

ତାଙ୍କ ହୃଦୟରେ ଜଳୁଥିଲା ଦେଶପ୍ରେମର ଦୀପ୍ତ ଜ୍ୱାଳା ଏବଂ ଆଖିରେ ଥିଲା ସ୍ୱାଧୀନତାର ସ୍ୱପ୍ନ। ତାଙ୍କ ପ୍ରତ୍ୟେକ ଆହ୍ୱାନ ବିଦ୍ରୋହର ବଜ୍ରନିନାଦ ହୋଇ ଜନମାନସକୁ ଉଦ୍‌ବୁଦ୍ଧ କରୁଥିଲା ଏବଂ ତାଙ୍କ ପ୍ରତ୍ୟେକ ପଦକ୍ଷେପ ସ୍ୱାଧୀନତାର ପଥରେ ଏକ ଅଗ୍ନିଯାତ୍ରାର ରୂପ ନେଉଥିଲା। ୧୮୩୬ ମସିହାରେ ବାଣପୁରରେ ଏକ ବିଶାଳ ପାଇକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଯାହାର ନେତୃତ୍ୱ ନେଇଥିଲେ କୃତ୍ତିବାସ ପାଟଶାଣୀ। ତାଙ୍କୁ ସହଯୋଗ କରିଥିଲେ ଘୁମୁସରର ବୀର ଯୋଦ୍ଧା ଲୋଚନ ବିଶୋଇ, ଶିବ ବିଶୋଇ, ପଞ୍ଚାନନ ନାୟକ, ସାଧୁ ଜାନି, ଦୀନା ଜାନି ପ୍ରମୁଖ ସଂଗ୍ରାମୀ। ସେହି ସମ୍ମିଳନୀରେ କୃତ୍ତିବାସ ପାଟଶାଣୀ ପଞ୍ଚାନନ ନାୟକଙ୍କୁ "ଶରଣ ସିଂହ" ନାମ ଦେଇ କରି ରାଜା ଭାବେ ଘୋଷଣା କରିଥିଲେ। ଏହି ସମ୍ମିଳନୀ ଇଂରେଜ ବିରୋଧୀ ସଂଗ୍ରାମକୁ ଏକ ନୂତନ ଦିଗ ଓ ନୂତନ ଶକ୍ତି ପ୍ରଦାନ କରିଥିଲା। ୧୮୩୬ ମସିହା ଜୁନ୍ ମାସରେ କୃତ୍ତିବାସ ପାଟଶାଣୀଙ୍କ ନେତୃତ୍ୱରେ ବିଦ୍ରୋହର ଶଙ୍ଖନାଦ ହୋଇଥିଲା। ସେତେବେଳେ ବାଣପୁରରେ ଥାନା, ଫାଣ୍ଡି ଓ ଡାକବଙ୍ଗଳା ବ୍ରିଟିଶ ଶାସନର ପ୍ରତୀକ ଭାବେ ଛିଡ଼ା ହୋଇଥିଲା। କୃତ୍ତିବାସଙ୍କ ଆହ୍ୱାନରେ ସହସ୍ରାଧିକ ଦଳବେହେରା, ଦଳେଇ, ନାୟକ ଓ ପାଇକ ଏକତ୍ରିତ ହୋଇ ଇଂରେଜ ଶାସନ ବିରୋଧରେ ସଂଗଠିତ ହେଲେ। ତାଙ୍କ ନିର୍ଦ୍ଦେଶରେ ପାଇକମାନେ ବାଣପୁର ଥାନା ଦଖଲ କରି ସରକାରୀ କାଗଜପତ୍ର ଧ୍ୱଂସ କରିଥିଲେ ଏବଂ ବ୍ରିଟିଶ ପ୍ରଶାସନକୁ ଚରମ ଚ୍ୟାଲେଞ୍ଜ ଦେଇଥିଲେ। ଏହି ଅଭୂତପୂର୍ବ ଘଟଣା ଇଂରେଜମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଥିଲା। ବିଦ୍ରୋହ ଦମନ ପାଇଁ ଅତିରିକ୍ତ ସୈନ୍ୟ ମୁତୟନ କରାଯାଇଥିଲା। କିନ୍ତୁ ବୀର ପାଇକମାନଙ୍କ ଅଦମ୍ୟ ସାହସ ଆଗରେ ଇଂରେଜ ସେନା ନତମସ୍ତକ ହୋଇଥିଲା। ଯୁଦ୍ଧରେ ଇଂରେଜ ସେନାଧ୍ୟକ୍ଷ ବେଲ ସାହେବ ପରାଜିତ ହୋଇଥିଲେ ଏବଂ ୪ ଜୁନ୍ ୧୮୩୬ରେ ରାଜା ଶରଣ ସିଂହ ବାଣପୁରକୁ ସ୍ୱାଧୀନ ଘୋଷଣା କରିଥିଲେ। ଯଦିଓ ଏହି ସ୍ୱାଧୀନତା ମାତ୍ର ତିନି ଦିନ ପାଇଁ ରହିଥିଲା, ତଥାପି ଏହା ଓଡ଼ିଆ ଜାତିର ସ୍ୱାଭିମାନ, ସଂଗ୍ରାମ ଓ ପ୍ରତିରୋଧର ଏକ ଅମର ପ୍ରତୀକ ହୋଇ ରହିଛି। ଏହା ପ୍ରମାଣ କରିଥିଲା ଯେ ଜାତିପ୍ରେମ ଓ ସ୍ୱାଧୀନତାର ଆକାଂକ୍ଷା ସାମ୍ରାଜ୍ୟବାଦୀ ଶକ୍ତିଠାରୁ ମଧ ଅଧିକ ଶକ୍ତିଶାଳୀ। ବିଦ୍ରୋହ ପରେ କୃତ୍ତିବାସ ପାଟଶାଣୀ ଜଙ୍ଗଲ ଓ ପାହାଡ଼ ମଧ୍ୟରେ ରହି ସଂଗ୍ରାମର ମଶାଲକୁ ଜୀବନ୍ତ ରଖିଥିଲେ। କିନ୍ତୁ କିଛି କୁଚକ୍ରୀଙ୍କ ବିଶ୍ୱାସଘାତକତା ଫଳରେ ସେ ଇଂରେଜମାନଙ୍କ ହାତରେ ଧରାପଡ଼ିଥିଲେ। ପରେ ତାଙ୍କୁ ଦ୍ୱୀପାନ୍ତରକୁ ପଠାଇ ବନ୍ଦୀ କରାଯାଇଥିଲା। ତଥାପି ତାଙ୍କ ସଂଗ୍ରାମ ଓ ବଳିଦାନର ଗାଥା ଓଡ଼ିଆ ଜାତିର ଚେତନାରେ ଚିରଦିନ ପାଇଁ ଅମର ହୋଇ ରହିଗଲା। ଆଜି ବାଣପୁର ପାଇକ ବିଦ୍ରୋହ ଆମକୁ ସ୍ମରଣ କରାଏ ଯେ ସ୍ୱାଧୀନତା କେବେ ଭିକ୍ଷାରେ ମିଳେ ନାହିଁ; ଏହା ସଂଗ୍ରାମ, ତ୍ୟାଗ ଓ ବଳିଦାନରେ ଅର୍ଜନ କରିବାକୁ ପଡ଼େ। ବୀର କୃତ୍ତିବାସ ପାଟଶାଣୀ ଓ ତାଙ୍କ ସହଯୋଦ୍ଧାମାନେ କେବଳ ଇତିହାସର ଚରିତ୍ର ନୁହଁନ୍ତି, ସେମାନେ ଓଡ଼ିଆ ଅସ୍ମିତାର ଚିରନ୍ତନ ପ୍ରହରୀ, ସ୍ୱାଭିମାନର ଜାଗ୍ରତ ପ୍ରତୀକ ଏବଂ ସ୍ୱାଧୀନତାର ଅମର ଅଗ୍ନିଶିଖା।

ଯେପର୍ଯ୍ୟନ୍ତ ଓଡ଼ିଆ ଜାତି ବଞ୍ଚି ରହିବ, ସେପର୍ଯ୍ୟନ୍ତ ବାଣପୁରର ବିପ୍ଳବୀ ମାଟି ଓ ବୀର କୃତ୍ତିବାସ ପାଟଶାଣୀଙ୍କ ତ୍ୟାଗଗାଥା ପିଢ଼ି ପରେ ପିଢ଼ିକୁ ଦେଶପ୍ରେମ, ସଂଗ୍ରାମ ଓ ସ୍ୱାଭିମାନର ମନ୍ତ୍ର ଶିଖାଇ ଚାଲିଥିବ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଜୀବନ**

ଜନ୍ମ, ଯୌବନ, ଜରା, ବାର୍ଦ୍ଧକ୍ୟ, ମୃତ୍ୟୁର ରହସ୍ୟ ଘେରରେ ଜୀବନ ନୌକାଟି ଆଗକୁ ଆଗକୁ ମାଡି ଚାଲେ। କିନ୍ତୁ ଆତ୍ମାର କିଛି ଫରକ ପଡେ ନାହିଁ। କି ସେ ଏହି ଜନ୍ମ ମୃତ୍ୟୁର ରହସ୍ୟ ଫାସରେ ଆବଦ୍ଧ ହୋଇନଥାଏ। କେବଳ ସାକ୍ଷୀ ରୂପେ ଜୀବର ଭଲ ମନ୍ଦ ସ୍ୱାଦକୁ ଦେଖିଚାଲିଥାଏ। କିନ୍ତୁ ସତ୍ୟ ଏଇଆଯେ ତୁମ ଛଡା ତୁମକୁ କେହି ସାହାଜ୍ୟ କରିପାରିବେ ନାହିଁ। କାରଣ ଶହ ଶହ କୋଟି ମନୁଷ୍ୟ ଅଛନ୍ତି ତୁମର ବି ବନ୍ଧୁବାନ୍ଧବ ଜ୍ଞାତି କୁଟୁମ୍ବ ଅଛନ୍ତି। ତୁମ ଦେହ ଖରାପ ହେଲେ ଯେପରି ଅନ୍ୟ ଜଣେ ଔଷଧ ସେବନ କରେ ନାହିଁ ସେହିପରି ତୁମେ ତୁମର ବନ୍ଧୁ ହେବାକୁ ପ୍ରଥମେ ଯତ୍ନବାନ ହୁଅ। ନଚେତ୍ ଠକିଯିବ। ଏହାହିଁ ନିରାଟ ସତ,କାରଣ ତୁମେ ଯେଉଁ ପଦକ୍ଷେପ ନେଉଛ ତାହା ତୁମକୁ ହିଁ ଜଣା। ଏହାହିଁ ସଂସାର ନିୟମ। ତେଣୁ ହେ ସୁଧିଜନ ସର୍ବ ପ୍ରଥମେ ସମଭାବର ରାସ୍ତା ଖୋଜ ସେହି ରାସ୍ତାହିଁ ତୁମ ପାଇଁ ସବୁ ସୁବିଧା କରାଇନେବ। ନଚେତ୍ ପଥଭ୍ରାନ୍ତ ହେବା ସାରହେବ। ଯେପର ବୀଣାର ତାର ଅଧିକ ଭିଡିଲେ ଛିଡିଯିବ। କମ୍ ଭିଡିଲେ ବୀଣା ବାଜିବ ନାହିଁ କି ସ୍ୱର ସଂଯୋଜନା ହୋଇପାରିବ ନାହିଁ। ତେଣୁ ସମାନ ଭାବରେ ଭିଡିଲେ ସବୁ ଠିକ୍ ହୋଇଯିବ। ଏହାହିଁ ଏହି ଶରୀର ରହସ୍ୟ ତେଣୁ ହେ ଭକ୍ତ ହେ ଶିଷ୍ୟ ଆତ୍ମାକୁ ବଶ କରିବା ଏତେ ସହଜ ନୁହେଁ। ସରଳତା ହିଁ ଆତ୍ମାର ଖାଦ୍ୟ ସରଳ ମାର୍ଗ ହେଉଛି ଜୀବର ଧର୍ମ,ଏହାହିଁ ଜୀବନ,ଏହାହିଁ ସତ୍ୟ। ହରି ଓଁ।

(କ୍ରମଶଃ...)

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ‘ମୁଁ ଯେମିତି ଥିଲି ସେମିତି ରହିବି’ : ଶ୍ରେୟସ ଆୟାର



**ନୂଆଦିଲ୍ଲୀ**

ଭାରତୀୟ ଟି-ଟ୍ୱେଣ୍ଟି ଦଳର ନୂଆ ଅଧିନାୟକ ହୋଇଛନ୍ତି ଶ୍ରେୟାସ ଆୟର। ଟିମ୍ ଇଣ୍ଡିଆର ନେତୃତ୍ୱ ନେଇଥିବା ଆୟର ନିଜ ବିଷୟରେ ଏକ କଥା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ‘କ୍ୟାପ୍ଟେନ୍ସି ଚ୍ୟାଲେଞ୍ଜକୁ ସ୍ୱାଗତ କରୁଛି, କିନ୍ତୁ ଏ ନେଇ ନିଜର ପରିଚୟ ବଦଳାଇବି ନାହିଁ। କାହା ଛାଇ ତଳେ ରହି ଟିମ୍‌ର ନେତୃତ୍ୱ ନେବି ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ନିଜ ଅନ୍ଦାଜରେ ଟିମ୍ ଇଣ୍ଡିଆକୁ ଆଗକୁ ନେବେ ବୋଲି କହିଛନ୍ତି ଭାରତର ସରପଞ୍ଚ ସାହେବ ଶ୍ରେୟାର ଆୟର।

ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଶ୍ରେୟାସ ଆୟର ଅଧିନାୟକତ୍ୱ ବିଷୟରେ ଖୋଲାଖୋଲି କଥା ହୋଇଥିଲେ। ସେ କହିଥିଲେ ଯେ ଟିମ୍ ଇଣ୍ଡିଆର ନେତୃତ୍ୱ ନେବା ଏକ ସମ୍ମାନ ଏବଂ ଦାୟିତ୍ୱ, କିନ୍ତୁ ସେ ନିଜକୁ ପରିବର୍ତ୍ତନ କରିବାରେ ବିଶ୍ୱାସ କରନ୍ତି ନାହିଁ। ମୋତେ ଅଧିନାୟକତ୍ୱ ଦାୟିତ୍ୱ ଦିଆଯାଇଛି, ଏହା ଏକ ଭଲ ଚ୍ୟାଲେଞ୍ଜ। ଏଥିପାଇଁ ମୋତେ ମୋର ବ୍ୟକ୍ତିତ୍ୱ ପରିବର୍ତ୍ତନ କରିବାକୁ ପଡ଼ିବ ନାହିଁ। ମୁଁ ପୂର୍ବରୁ ଯେପରି ଥିଲି ସେହିପରି ରହିବି। ମୁଁ ଅନ୍ୟ କାହା ପରି ହେବାକୁ ଚେଷ୍ଟା କରିବି ନାହିଁ କିମ୍ବା କାହାର ଛାଇରେ ରହିବାକୁ ଚାହେଁ ନାହିଁ।’’

ଶ୍ରେୟାସ ଆୟରଙ୍କର ଏହି ପ୍ରତିକ୍ରିୟା ଏପରି ସମୟରେ ଆସିଛି, ଯେତେବେଳେ ଭାରତୀୟ କ୍ରିକେଟରେ ଅଧିନାୟକମାନଙ୍କୁ ପ୍ରାୟତଃ ସେମାନଙ୍କ ପୂର୍ବ ନେତୃତ୍ୱ ସହ ତୁଳନା କରାଯାଏ। ଆୟର ସ୍ପଷ୍ଟ ଭାବରେ ସୂଚାଇ ଦେଇଛନ୍ତି ଯେ, ସେ ନିଜର ପରିଚୟ ସୃଷ୍ଟି କରିବାକୁ ଚାହାନ୍ତି। ଶ୍ରେୟସ ଆୟରଙ୍କ ଯାତ୍ରା ସହଜ ନଥିଲା। ଡିସେମ୍ବର ୨୦୧୩ରେ ତାଙ୍କର ଶେଷ ଟି-ଟ୍ୱେଣ୍ଟି ଅନ୍ତର୍ଜାତୀୟ ଖେଳିବା ପରେ, ସେ ବହୁତ ଦିନ ଧରି ଦଳରୁ ବାହାରେ ଥିଲେ, ଟି-ଟ୍ୱେଣ୍ଟି ବିଶ୍ୱକପ୍ ଏବଂ ଏସିଆ କପ୍ ଭଳି ପ୍ରମୁଖ ଟୁର୍ଣ୍ଣାମେଣ୍ଟରୁ ବଞ୍ଚିତ ହୋଇଥିଲେ। ସେ ଘରୋଇ କ୍ରିକେଟରେ ସ୍ଥିର ଭାବରେ ସ୍କୋର କରିଥିଲେ ଏବଂ ଆଇପିଏଲରେ ତାଙ୍କ ଅଧିନାୟକତ୍ୱରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ପ୍ରଭାବଶାଳୀ ଆଇପିଏଲ ରେକର୍ଡ ଯୋଗୁଁ ଶ୍ରେୟସ ଆୟରଙ୍କ ଦଳକୁ ଫେରିବାର ଏକ ପ୍ରମୁଖ କାରଣ ଥିଲା।

# ଆଫଗାନିସ୍ତାନକୁ ୩୦୦ ରନ୍‌ରେ ହରାଇଲା ଟିମ୍ ଇଣ୍ଡିଆ




**ଚଣ୍ଡିଗଡ଼**

ମୁଲ୍ଲାନପୁର ଷ୍ଟାଡ଼ିୟମରେ ଖେଳାଯାଇଥିବା ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଆଫଗାନିସ୍ତାନକୁ ଗୋଟିଏ ଇନିଂସ ଏବଂ ୩୦୦ ରନ୍‌ରେ ପରାସ୍ତ କରିଛି। ଟେଷ୍ଟ କ୍ରିକେଟ୍ ଇତିହାସରେ ଏହା ଟିମ୍ ଇଣ୍ଡିଆର ସବୁଠାରୁ ବଡ଼ ବିଜୟ ଥିଲା। ଏହି ଟେଷ୍ଟ ମ୍ୟାଚ୍ ତୃତୀୟ ଦିନର ତୃତୀୟ ସେସନ୍‌ରେ ହିଁ ଶେଷ ହୋଇଯାଇଥିଲା। ଇନିଂସ ବ୍ୟବଧାନ ହିସାବରେ ଟେଷ୍ଟ କ୍ରିକେଟରେ ଭାରତୀୟ ଦଳର ଏହା ସବୁଠାରୁ ବଡ଼ ବିଜୟ ଥିଲା। ଏହା ପୂର୍ବରୁ ଭାରତ ଅକ୍ଟୋବର ୨୦୧୮ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ରାଜକୋଟ ମଇଦାନରେ ଏକ ଇନିଂସ ଏବଂ ୨୭୨ ରନରେ ବିଜୟ ହାସଲ କରିଥିଲା।

ଏହି ମୁକାବିଲାରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ଦଳ ନିଜର ପ୍ରଥମ ଇନିଂସରେ ୮ ୱିକେଟ୍ ହରାଇ ୫୬୪ ରନ୍ କରି ପାଳି ଘୋଷଣା କରିଥିଲା। ଏହାପରେ ଆଫଗାନିସ୍ତାନ ଦଳ ନିଜର ପ୍ରଥମ ଇନିଂସରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା ଏବଂ ଦଳକୁ ଫଲୋଅନ୍ ଖେଳିବାକୁ ପଡ଼ିଥିଲା। ପ୍ରଥମ ଇନିଂସ ଆଧାରରେ ଭାରତକୁ ୪୧୨ ରନର ଏକ ବଡ଼ ଅଗ୍ରଣୀ ମିଳିଥିଲା। ଏହାପରେ ଆଫଗାନିସ୍ତାନର ଦ୍ୱିତୀୟ ଇନିଂସ ମାତ୍ର ୧୧୨ ରନରେ ଅଲ୍ ଆଉଟ୍ ହୋଇ ଯାଇଥିଲା।

ଫଲୋଅନ୍ ଖେଳିବାକୁ ଓହ୍ଲାଇଥିଲେ ମଧ୍ୟ ଆଫଗାନିସ୍ତାନ ଦଳର ଆରମ୍ଭ କିଛି ଭଲ ରହିନଥିଲା। ଅବ୍ଦୁଲ ମଲିକ ମାତ୍ର ୮ ରନ୍‌ର ବ୍ୟକ୍ତିଗତ ସ୍କୋରରେ ମହମ୍ମଦ ସିରାଜଙ୍କ ଶିକାର ହୋଇଥିଲେ। ଏଠାରୁ ଆଫଗାନିସ୍ତାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇ ଚାଲିଥିଲା। ଓପନର୍ ବ୍ୟାଟ୍ସମ୍ୟାନ୍ ସେଦିକୁଲ୍ଲା ଅଟଲ୍ ସର୍ବାଧିକ ୪୨ ରନ୍ କରିଥିଲେ। ଅନ୍ୟପଟେ ରହମାନୁଲ୍ଲା ଗୁରବାଜ୍ (୨୪ ରନ୍) ଏବଂ ରହମତ ଶାହ (୧୩ ରନ୍) ମଧ୍ୟ ଦୁଇ ଅଙ୍କ ବିଶିଷ୍ଟ ସ୍କୋରରେ ପହଞ୍ଚିବାରେ ସଫଳ ହୋଇଥିଲେ। ସ୍ପିନ୍ ବୋଲର ୱାଶିଂଟନ୍ ସୁନ୍ଦର ଚାରିଟି ଏବଂ କୁଲଦୀପ ଯାଦବ ତିନୋଟି ସଫଳତା ହାସଲ କରିଥିଲେ। ଶରାଫୁଦ୍ଦିନ ଆହତ ହେବା କାରଣରୁ ବ୍ୟାଟିଂ କରିବାକୁ ପଡ଼ିଆକୁ ଓହ୍ଲାଇ ନଥିଲେ।

ଏହି ମ୍ୟାଚ୍‌ର ସବୁଠାରୁ ବଡ଼ ସକାରାତ୍ମକ ଦିଗ ଭାରତୀୟ ଦଳ ପାଇଁ ମାନବ ସୁଥାରଙ୍କ ପ୍ରଦର୍ଶନ ରହିଥିଲା। ଡେବ୍ୟୁ ଟେଷ୍ଟରେ ସେ ପ୍ରଥମ ଇନିଂସରେ ଛଅଟି ଏବଂ ଦ୍ୱିତୀୟ ଇନିଂସରେ ଗୋଟିଏ ୱିକେଟ୍ ନେଇ ମୋଟ ସାତଟି ୱିକେଟ୍ ହାସଲ କରିଥିଲେ। ନିଜର ସଠିକ୍ ଲାଇନ୍-ଲେନ୍ଥ ଏବଂ ନିୟନ୍ତ୍ରଣ ଦ୍ୱାରା ସେ ଆଫଗାନିସ୍ତାନର ବ୍ୟାଟ୍ସମ୍ୟାନମାନଙ୍କୁ କ୍ରମାଗତ ଭାବେ ଚାପରେ ରଖିଥିଲେ ଏବଂ ମ୍ୟାଚ୍‌ରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ।

ଭାରତର ଏକ ଇନିଂସ ଏବଂ ୩୦୦ ରନ୍‌ର ଏହି ବିଜୟ ଟେଷ୍ଟ କ୍ରିକେଟ୍‌ରେ ଇନିଂସ ବ୍ୟବଧାନ ହିସାବରେ ଦଳର ସବୁଠାରୁ ବଡ଼ ବିଜୟ ପାଲଟିଛି। ଏହା ବ୍ୟତୀତ ଭାରତ ୨୦୨୩ ପରେ ପ୍ରଥମ ଥର ପାଇଁ ଘରୋଇ ମାଟିରେ ଟେଷ୍ଟ ମ୍ୟାଚ୍‌ରେ ୫୫୦ରୁ ଅଧିକ ରନ୍ ସଂଗ୍ରହ କରିଛି। ଅନ୍ୟପଟେ ୫୫୦୪ ରନ୍ ଆଫଗାନିସ୍ତାନ ବିପକ୍ଷରେ ଟେଷ୍ଟ କ୍ରିକେଟ୍‌ରେ ଯେକୌଣସି ଦଳ ଦ୍ୱାରା କରାଯାଇଥିବା ଦ୍ୱିତୀୟ ସର୍ବାଧିକ ସ୍କୋର ଅଟେ। ଯଦିଓ ଏହି ମୁକାବିଲା ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଅଂଶ ନଥିଲା, ତେଣୁ ଭାରତୀୟ ଦଳକୁ ପଏଣ୍ଟ ଟେବୁଲ୍‌ରେ କୌଣସି ଲାଭ ମିଳିନାହିଁ।

# ‘ଅଧିକ ଆଶା ରଖିବା ଭୁଲ’ : ବୈଭବଙ୍କୁ ନେଇ କପିଲ ଦେବଙ୍କ ବଡ଼ ବୟାନ



**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ରେ ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ଟି୨୦ ଦଳରେ ସ୍ଥାନ ପାଇଛନ୍ତି। ଏହି ୧୫ ବର୍ଷୀୟ ବ୍ୟାଟ୍‌ସମ୍ୟାନଙ୍କୁ ଆୟର୍ଲାଣ୍ଡ-ଇଂଲଣ୍ଡ ଏବଂ ଏସୀୟ କ୍ରୀଡ଼ା ୨୦୨୬ ପାଇଁ ମନୋନୀତ ଭାରତୀୟ ଦଳରେ ସାମିଲ କରାଯାଇଛି। ବୈଭବଙ୍କ ସଫଳତାରେ ସମସ୍ତେ ଉତ୍ସାହିତ ଥିବାବେଳେ ଭାରତର ପ୍ରଥମ ବିଶ୍ୱକପ ବିଜେତା ଅଧିନାୟକ କପିଲ ଦେବ ବିଶ୍ୱାସ କରନ୍ତି ଯେ ଏହି ଯୁବ ଖେଳାଳିଙ୍କୁ ଏବେ ବି ବହୁତ ଆଗକୁ ଯିବାକୁ ଅଛି ଏବଂ ଆମେ ତାଙ୍କ ଉପରେ ଅଯଥା ଆଶାର ଭାର ଲଦି ଦେବା ଉଚିତ୍ ନୁହେଁ। କପିଲ ଦେବ ସ୍ପଷ୍ଟ କରିଛନ୍ତି, ଦଳରେ ସ୍ଥାନ ପାଇବା ଗୋଟିଏ କଥା, ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରମାଣିତ କରିବା ଅନ୍ୟ କଥା। କପିଲ ଦେବ କହିଛନ୍ତି, “ସେ ଜଣେ ଅନନ୍ୟ ପ୍ରତିଭା। ତାଙ୍କୁ କିଛି ସମୟ ଦିଅନ୍ତୁ। ସେ ଯେଉଁ ସମ୍ଭାବନା ଦେଖାଇଛନ୍ତି ତାହା ପ୍ରକୃତରେ ଉଲ୍ଲେଖନୀୟ। କିନ୍ତୁ ସେ ଭାରତୀୟ ଦଳରେ ଯୋଗ ଦେବା ପରେ, ତାଙ୍କୁ ତାଙ୍କ ଆଚରଣ ଏବଂ ଫିଟ୍‌ନେସ୍ ଉପରେ ଧ୍ୟାନ ଦେବାକୁ ପଡ଼ିବ, ଅନ୍ୟ ସବୁକିଛି ପରେ ଆସିବ। କେବଳ ସେ ହିଁ କହିପାରିବେ ଯେ ସେ ତାଙ୍କ ଖେଳ ଉପରେ କେତେ ଧ୍ୟାନ ଦେଉଛନ୍ତି। ଏହି ଯୁବ ଖେଳାଳିଙ୍କୁ ସମ୍ମାନ ଦେବାରେ କୌଣସି କ୍ଷତି ନାହିଁ, କିନ୍ତୁ ଏହି ପ୍ରାରମ୍ଭିକ ପର୍ଯ୍ୟାୟରେ ତାଙ୍କଠାରୁ ଅଧିକ ଆଶା କରିବା ଭୁଲ ହେବ।

# ବିଶ୍ୱକପ୍ ଆରମ୍ଭ ପୂର୍ବରୁ ବ୍ରାଜିଲକୁ ବଡ଼ ଝଟ୍‌କା : ବାଦ୍ ପଡ଼ିଲେ ୱେସ୍‌ଲି



**ମୋରିସଟାଉନ୍**

ବିଶ୍ୱକପ୍‌ରେ ମରକ୍କୋ ବିପକ୍ଷ ପ୍ରଥମ ମ୍ୟାଚ୍ ଖେଳାଯିବାକୁ ଆଉ ଏକ ସପ୍ତାହରୁ କମ୍ ଦିନ ଥିବାବେଳେ ବ୍ରାଜିଲ ଆଘାତଜନିତ କାରଣରୁ ଦଳରେ ଜଣେ ଖେଳାଳି ପରିବର୍ତ୍ତନ କରିଛି। ରାଇଟ୍‌ବ୍ୟାକ୍ ୱେସ୍‌ଲିଙ୍କ ସ୍ଥାନରେ ମିଡ୍‌ଫିଲ୍ଡର ଏଡରସନଙ୍କୁ ଦଳରେ ସାମିଲ କରିଛି। ବ୍ରାଜିଲିଆନ ଫୁଟ୍‌ବଲ ମହାସଂଘ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ୱେସ୍‌ଲିଙ୍କ ବାମଜଙ୍ଘ ମାଂସପେଶୀରେ ଆଘାତ ଲାଗିଛି। ଶନିବାର ରାତିରେ କ୍ଲେଭେଲାଣ୍ଡଠାରେ ଇଜିପ୍ଟ ବିପକ୍ଷ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳୁଥିବା ବେଳେ ପ୍ରାରମ୍ଭରୁ ସେ ପଡ଼ିଆ ଛାଡ଼ିଥିଲେ। ୱେସ୍‌ଲି ହେଉଛନ୍ତି ଜଣେ ଆଥଲେଟ୍।

ତାଙ୍କୁ ଦଳର ଜଣେ ପ୍ରମୁଖ ଖେଳାଳି ଭାବେ ଗଣାଯାଏ। ୨୬ ବର୍ଷୀୟ ଏଡରସନ ବର୍ତ୍ତମାନ ଆମେରିକା ଯାଇ ଦଳ ସହିତ ଯୋଗଦେବେ। ବ୍ରାଜିଲ ଶନିବାର ଏହାର ପ୍ରଥମ ଗ୍ରୁପ୍ ମ୍ୟାଚ୍ ନ୍ୟୁଜର୍ସିର ଇଷ୍ଟ ରଥରଫୋର୍ଡ ଅନ୍ତର୍ଗତ ମିଡୋଲାଣ୍ଡସ୍‌ଠାରେ ଖେଳିବ। ଦଳର ଅନ୍ୟ ଜଣେ ଖେଳାଳି ମଧ୍ୟ ଆଘାତଜନିତ ସମସ୍ୟାରେ ଅଛନ୍ତି। ସେ ହେଉଛନ୍ତି ୩୪ ବର୍ଷୀୟ ଫରୱାର୍ଡ ନେମାର। ସେ ଦଳର ଅନ୍ୟ ଖେଳାଳିମାନଙ୍କ ସହ କ୍ଲେଭେଲାଣ୍ଡ ଗସ୍ତ କରି ନ ଥିଲେ।

# ଫିଫା ମାନ୍ୟତାରେ ଭାରତ ୩ୟ ସ୍ଥାନକୁ ଖସିଲା

**ନୂଆଦିଲ୍ଲୀ**

ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳ ସଦ୍ୟପ୍ରକାଶିତ ଫିଫା ମାନ୍ୟତାରେ ୩ ସ୍ଥାନ ତଳକୁ ଖସି ୧୩୯ରେ ପହଞ୍ଚିଛି। ଭାରତୀୟ ଦଳର ଲଗାତାର ୩ ମ୍ୟାଚ୍ ପରାଜୟ କାରଣରୁ ଏଭଳି ଅବନତି ଘଟିଛି। ୟୁନିଟି କପ୍‌ରେ ଲଗାତାର ୨ ପରାଜୟ ପୂର୍ବରୁ ତାଜିକସ୍ତାନ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୧-୩ରେ ପରାସ୍ତ ହୋଇଥିଲା।

ଖଲିଦ ଜମିଲଙ୍କ ଦଳ ଏପ୍ରିଲ ୧ରେ ପ୍ରକାଶିତ ଫିଫା ମାନ୍ୟତାରେ ୫ଟି ସ୍ଥାନ ଉଠି ୧୩୬ରେ ରହିଥିଲା। ଏଏଫ୍‌ସି ଏସୀୟ କପ୍ ୨୦୨୭ ଯୋଗ୍ୟତା ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ହଂକଂକୁ ପରାସ୍ତ କରି ଏହି ସଫଳତା ପାଇଥିଲା। ନିକଟରେ ଭାରତ ୦-୨ରେ ଜାମାଇକା, ୦-୧ରେ ଜିମ୍ବାୱେ ଓ ୧-୩ରେ ତାଜିକସ୍ତାନଠୁ ହାରି ଯାଇଥିଲା। ମଙ୍ଗଳବାର ତାଜକିସ୍ତାନ ବିପକ୍ଷରେ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ।

# ରାଜ୍ୟସ୍ତରୀୟ ଖେଳକୁଦ ଚାମ୍ପିଅନସିପ୍ : ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ହାସଲ କଲା ମୟୂରଭଞ୍ଜ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ କଟକ ଠାରେ ଅନୁଷ୍ଠିତ ୭୨ତମ ରାଜ୍ୟସ୍ତରୀୟ ଖେଳକୁଦ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ୧୫ଟି ପଦକ ହାସଲ କରିଛି ବୋଲି ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ୨୦ ବର୍ଷରୁ କମ୍ ୧୧୦ ମିଟର ହାଡଲସ ଓ ଲମ୍ଫଡ଼ିଆଁରେ ବିଶ୍ୱଜିତ ଦାସ ଓ ୫କି.ମି ୱାକିଙ୍ଗରେ ସଲକ ସାୟ, ୨୩ ବର୍ଷରୁ କମ୍ ୪୦୦ମି. ଦୌଡ଼ରେ ରାଜେଶ୍ୱରୀ ସିଂ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨୦ ବର୍ଷରୁ କମ୍ ୫କି.ମି ୱାକିଙ୍ଗରେ ଆଶୁତୋଷ ସିଂ, ୨୩ ବର୍ଷରୁ କମ୍ ୫ ହଜାର ମିଟର ଦୌଡ଼ରେ ଓ ୧୫୦୦ ମିଟର ଦୌଡ଼ରେ ପଙ୍କଜ ସୋରେନ, ପୁରୁଷ ବିଭାଗ ୧୦ କି.ମି ୱାକିଙ୍ଗରେ ଦଲନ ଚନ୍ଦ୍ର କୁଁଅରଦେଓ ଓ ୧୦ କ.ମି ଦୌଡ଼ରେ ଆସ୍ଥାନ ପୂର୍ତ୍ତି ରୌପ୍ୟ ପଦକ ଏବଂ ୨୦ ବର୍ଷରୁ କମ୍ ୧୧୦ମି. ହାଡଲସରେ ସୁରେନ୍ଦ୍ର ବାଦ୍ରା ଓ ଲମ୍ଫଡିଆଁରେ ପୁଷ୍ପାବତୀ କିସ୍କୁ, ୨୩ ବର୍ଷରୁ କମ୍ ଡେକାଥଲନରେ ରଳିଆ ମୁର୍ମୁ, ୮୦୦ମି ଦୌଡ଼ରେ ରାଜେଶ୍ୱରୀ ସିଂ, ୧୦ କି.ମି ଦୌଡ଼ରେ ସାନି ଟୁଡୁ, ୩ ହଜାର ମିଟର ଟ୍ରିପଲ ଚେଜରେ ବାସୁମତୀ ସୟନ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ବୋଲି ଆଥଲେଟିକ୍ ସମ୍ପାଦକ ଅମ୍ବିକା ରାଉତ ଜଣାଇଛନ୍ତି। ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର କର୍ମକର୍ତ୍ତା ଓ କ୍ରୀଡ଼ାପ୍ରେମୀ କୃତୀ ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତ।

# ଫିଫା ବିଶ୍ୱକପ୍ ପାଇଁ ମେକ୍ସିକୋରେ ପହଞ୍ଚିଲେ ଇରାନ ଖେଳାଳି

**ତିଜୁଆନା**

ଆସନ୍ତା ୧୧ ତାରିଖରୁ ଆରମ୍ଭ ହେବାକୁ ଥିବା ଫିଫା ବିଶ୍ୱକପ୍ ଲାଗି ଇରାନ ଦଳର ଖେଳାଳିମାନେ ସୋମବାର ମେକ୍ସିକୋରେ ପହଞ୍ଚିଛନ୍ତି। ଘାତକ ମିସାଇଲ ଆକ୍ରମଣରେ ପ୍ରାଣ ହରାଇଥିବା ଇରାନର ଏକ ସ୍କୁଲର ଛାତ୍ରୀଛାତ୍ରଙ୍କ ପ୍ରତି ଶୋକ ବ୍ୟକ୍ତ କରିବା ପାଇଁ ଖେଳାଳିମାନେ ଜାକେଟରେ ୧୬୮ ଲେଖାଥିବା ସ୍ୱର୍ଣ୍ଣିମ ରଙ୍ଗର ପିନ୍ ଲଗାଇଥିଲେ। ଉଲ୍ଲେଖଯୋଗ୍ୟ, ଫେବୃଆରୀ ୨୮ ତାରିଖରେ ଆମେରିକା ପକ୍ଷରୁ ମିସାଇଲ ମାଡ଼ କରାଯାଇଥିଲା, ଯାହାକି ସଦର୍ନ ଇରାନର ମିନାବରେ ଥିବା ଏକ ସ୍କୁଲରେ ମାଡ଼ ହୋଇଥିଲା। ହେଲେ ଏହି ଆକ୍ରମଣ ଲାଗି ଏପର୍ଯ୍ୟନ୍ତ ଆମେରିକା କିମ୍ବା ଇସ୍ରାଏଲ କେହି ନିଜକୁ ଦାୟୀ କରି ନାହାନ୍ତି। ଏହି ଘଟଣା ଲାଗି ଗତ ମାର୍ଚ୍ଚରେ ତୁର୍କୀର ଆଣ୍ଟାଲ୍ୟାରେ ଖେଳାଯାଇଥିବା ୱାର୍ମଅପ୍ ମ୍ୟାଚ୍ ବେଳେ ଇରାନର ଜାତୀୟ ସଂଗୀତ ଗାନ କରାଯାଉଥିବା ବେଳେ ଇରାନ ଖେଳାଳିମାନେ ପିଙ୍କ ଓ ପର୍ପଲ ବ୍ୟାକପ୍ୟାକ୍ ପରିଧାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଇରାନ ତା’ର ଗ୍ରୁପ୍ ପର୍ଯ୍ୟାୟରେ ୩ ମ୍ୟାଚ୍ ଆମେରିକାରେ ଖେଳିବ। ବିଳମ୍ବରେ ଭିଜା ମିଳିବା କାରଣରୁ ଇରାନ ଖେଳାଳିଙ୍କ ପ୍ରସ୍ତୁତି ପ୍ରଭାବିତ ହୋଇଛି। ଇରାନ ଆସନ୍ତା ୧୫ ତାରିଖରେ ତା’ର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ଭେଟିବ।

# ଖେଳାଳିରୁ ପ୍ରଶାସକ : ବିସିବିର ନୂଆ ଅଧକ୍ଷ ହେଲେ ତମିମ୍ ଇକବାଲ୍

**ନୂଆଦିଲ୍ଲୀ**

ବାଂଲାଦେଶର ପୂର୍ବତନ ଅଧିନାୟକ ତମିମ୍ ଇକବାଲ୍ ବାଂଲାଦେଶ କ୍ରିକେଟ୍ ବୋର୍ଡର ନୂତନ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବରୁ ସେ କିଛି ସମୟ ପାଇଁ ବୋର୍ଡର ଅନ୍ତରୀଣ ମୁଖ୍ୟ ଥିଲେ, କିନ୍ତୁ ଏବେ ନିର୍ବାଚନ ଜିତିବା ପରେ ବୋର୍ଡରେ ତାଙ୍କ ପଦବୀ ପକ୍କା ହୋଇଯାଇଛି। ବାଂଲାଦେଶ ସରକାର ଚଳିତ ବର୍ଷ ଏପ୍ରିଲ୍ ମାସରେ ବିସିବିର ନିର୍ଦ୍ଦେଶକ କମିଟିକୁ ଭଙ୍ଗ କରିଦେଇଥିଲେ। ସେବେଠାରୁ ତମିମ୍ ଅନ୍ତରୀଣ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଗତ ବର୍ଷ ଅକ୍ଟୋବରରେ ହୋଇଥିବା ବିସିବି ନିର୍ବାଚନ ସହ ଜଡ଼ିତ ଅଭିଯୋଗର ଯାଞ୍ଚ ପରେ, ଏକ ପାଞ୍ଚ ଜଣିଆ ଯାଞ୍ଚ କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ କରିଥିଲା। ଏହି ସୁପାରିସ ଆଧାରରେ ସରକାର ବୋର୍ଡକୁ ଭଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲେ। ସୂଚନାଯୋଗ୍ୟ ଯେ ତମିମ୍ ୩୭ ବର୍ଷ ବୟସରେ ବିସିବିର ସର୍ବକନିଷ୍ଠ ଅଧ୍ୟକ୍ଷ ହୋଇଛନ୍ତି।

ବାଂଲାଦେଶ କ୍ରିକେଟ୍‌ର ଚାଲିଥିବା କଠିନ ସମୟ ଉପରେ ମତ ଦେବା ବେଳେ ତମିମ୍ ଏକ ପ୍ରେସ୍ କନଫରେନ୍ସରେ କହିଛନ୍ତି, ‘ଗତ ଦେଢ଼ ବର୍ଷ ମଧ୍ୟରେ ଯାହା କିଛି ବି ଘଟିଲା, ତାହା ସଠିକ୍ ନଥିଲା। ମୁଁ କାହାକୁ ଦୋଷ ଦେବି ନାହିଁ କିମ୍ବା କାହା ଆଡ଼କୁ ଆଙ୍ଗୁଠି ଦେଖାଇବି ନାହିଁ। ଯଦି ଆମକୁ ଏହି ପରିସ୍ଥିତିରୁ ବାହାରିବାକୁ ଅଛି, ତେବେ ଆମକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଏହି କାମ ଏକାକୀ କରାଯାଇପାରିବ ନାହିଁ।’ ନବଗଠିତ ବୋର୍ଡ ଫହିମ୍ ସିହ୍ନାଙ୍କୁ ଉପାଧ୍ୟକ୍ଷ ଭାବେ ନିର୍ବାଚିତ କରିଛି। ବିସିବିରେ ଦୁଇ ଜଣ ଉପାଧ୍ୟକ୍ଷ ନିଯୁକ୍ତ କରାଯିବାର ସମ୍ଭାବନା ଥିଲେ ହେଁ, ନିର୍ବାଚନ କମିଶନ ବର୍ତ୍ତମାନ କେବଳ ଜଣଙ୍କ ନାମ ଘୋଷଣା କରିଛନ୍ତି।

ମୀରପୁରର ଶେର-ଏ-ବାଂଲା ନ୍ୟାସନାଲ୍ କ୍ରିକେଟ୍ ଷ୍ଟାଡିୟମ୍‌ରେ ହୋଇଥିବା ଭୋଟିଂରେ ତମିମ୍ ୭୩ଟି ଭୋଟ୍ ସହ ସବୁଠାରୁ ଆଗରେ ରହିଥିଲେ। ବାଂଲାଦେଶର ଏହି ପୂର୍ବତନ ଅଧିନାୟକ ସୟଦ୍ ଇବ୍ରାହିମ୍ ଅହମ୍ମଦ ଏବଂ ଇସରାଫିଲ୍ ଖୁସରୁଙ୍କୁ ପଛରେ ପକାଇ ଦେଇଥିଲେ, ଯେଉଁମାନଙ୍କୁ ୭୨-୭୨ଟି ଲେଖାଏଁ ଭୋଟ୍ ମିଳିଥିଲା। କ୍ଲବ୍ ଶ୍ରେଣୀରେ ମୋଟ ୧୨ଟି ଆସନ ପାଇଁ ୧୬ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଥିଲେ। ଅମଜଦ୍ ହୁସେନ୍, ମେଜର ଇମ୍ରୋଜ୍, ଫୈଜୁର ରହମାନ ଏବଂ ସୟଦ୍ ବୋରହାନୁଲ୍ ହୁସେନ୍ ପପୁ ନିର୍ବାଚନରେ ପରାଜିତ ହୋଇଥିଲେ। ମେଜର ଇମ୍ରୋଜ୍‌ଙ୍କୁ ସବୁଠାରୁ କମ୍ ୨୦ଟି ଭୋଟ୍ ମିଳିଥିବା ବେଳେ ଅମଜଦ୍‌ଙ୍କୁ ୩୨ଟି ଭୋଟ୍ ମିଳିଥିଲା।

# ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଜିତିଲେ ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍



**ପ୍ୟାରିସ**

ଜର୍ମାନୀର ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍ ନିଜ କ୍ୟାରିୟରର ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତିଛନ୍ତି। ଫ୍ରେଞ୍ଚ ଓପନ୍ ୨୦୨୬ର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଦ୍ୱିତୀୟ ସୀଡ୍ ଜ୍ୱେରେଭ୍‌ଙ୍କ ସାମ୍ନା ଇଟାଲୀର ଫ୍ଲାଭିଓ କୋବୋଲିଙ୍କ ସହ ହୋଇଥିଲା। ୫ ସେଟ୍ ପର୍ଯ୍ୟନ୍ତ ଚାଲିଥିବା ଏହି ମ୍ୟାଚ୍‌କୁ ୨୯ ବର୍ଷୀୟ ଜ୍ୱେରେଭ୍ ୬-୧, ୪-୬, ୬-୪, ୬-୭, ୬-୧ରେ ନିଜ ନାମରେ କରିଛନ୍ତି। ଏହି ଫାଇନାଲ୍ ମ୍ୟାଚ୍ ୪ ଘଣ୍ଟା ୧୬ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଟାଇଟଲ୍ ଜିତିବା ପରେ ଜ୍ୱେରେଭ୍ ଭାବପ୍ରବଣ ହୋଇଯାଇଥିଲେ। ୨୪ ବର୍ଷୀୟ କୋବୋଲିଙ୍କର ମଧ୍ୟ ଏହା ପ୍ରଥମ ଗ୍ରାଣ୍ଡ ସ୍ଲାମ୍ ଫାଇନାଲ୍ ଥିଲା।

୧୦ମ ସୀଡ୍ ଫ୍ଲାଭିଓ କୋବୋଲିଙ୍କ ବିପକ୍ଷରେ ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍ ପ୍ରଥମ ସେଟ୍‌କୁ ସହଜରେ ୬-୧ ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌ରେ କୋବୋଲି ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲେ। ଜ୍ୱେରେଭ୍ ତୃତୀୟ ସେଟ୍ ଜିତିଥିଲେ କିନ୍ତୁ ଚତୁର୍ଥ ସେଟ୍‌ରେ କୋବୋଲି କଡ଼ା ଟକ୍କର ଦେଇଥିଲେ। ଟାଇବ୍ରେକରକୁ ୭-୫ରେ ଜିତି ଇଟାଲୀୟ ଖେଳାଳି ଏହି ସେଟ୍‌କୁ ନିଜ ନାମରେ କରିଥିଲେ। ଶେଷ ସେଟ୍‌ର ପ୍ରଥମ ଗେମ୍‌ରେ ହିଁ ଜ୍ୱେରେଭ୍ କୋବୋଲିଙ୍କ ସର୍ଭିସ୍ ବ୍ରେକ୍ କରିଦେଇଥିଲେ। ୨-୦ ର ଅଗ୍ରଣୀ ହାସଲ କରିବା ପରେ ସେ ଦ୍ୱିତୀୟ ସର୍ଭିସ୍ ମଧ୍ୟ ବ୍ରେକ୍ କରିଥିଲେ ଏବଂ କୋବୋଲିଙ୍କ ଆଶା ଉପରେ ପାଣି ପକାଇ ଦେଇଥିଲେ। ଶେଷରେ ସେ ସେଟ୍‌କୁ ୬-୧ ରେ ଜିତି ଟାଇଟଲ୍ ନିଜ ନାମରେ କରିନେଇଥିଲେ।

ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍ ଫ୍ରେଞ୍ଚ ଓପନ୍ ଟାଇଟଲ୍ ଜିତିବାରେ ଓପନ୍ ଏରାର ପ୍ରଥମ ଜର୍ମାନ ଖେଳାଳି ହୋଇଛନ୍ତି। ୮୯ ବର୍ଷ ପୂର୍ବେ ଶେଷ ଥର ପାଇଁ ରୋଲାଣ୍ଡ ଗ୍ୟାରୋସର ଚାମ୍ପିଅନ୍ କୌଣସି ଜର୍ମାନ ପୁରୁଷ ଖେଳାଳି ହୋଇଥିଲେ। ସେତେବେଳେ ହେନର୍ ହେନକେଲ୍ ୧୯୩୭ ମସିହାରେ ଏହି ଟାଇଟଲ୍ ଜିତିଥିଲେ। ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍‌ଙ୍କ ପୂର୍ବରୁ ବୋରିସ୍ ବେକର୍ ଗ୍ରାଣ୍ଡ ସ୍ଲାମ୍ ସିଙ୍ଗଲ୍ସ ଟାଇଟଲ୍ ଜିତିବାରେ ଶେଷ ଜର୍ମାନ ଖେଳାଳି ଥିଲେ। ସେ ୧୯୯୬ ମସିହାରେ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ୍ ନିଜ ନାମରେ କରିଥିଲେ।

ଆଲେକ୍ସଜାଣ୍ଡାର୍ ଜ୍ୱେରେଭ୍ ଏପର୍ଯ୍ୟନ୍ତ ପ୍ରତ୍ୟେକ ବଡ଼ ଇଭେଣ୍ଟରେ ବିଜୟ ହାସଲ କରିଛନ୍ତି। ତାଙ୍କ ନାମରେ ମାଷ୍ଟର୍ସ ୧୦୦୦ ଇଭେଣ୍ଟ ସହିତ ଦୁଇଟି ଏଟିପି ଫାଇନାଲ୍ସ ଟ୍ରଫି ମଧ୍ୟ ରହିଥିଲା। ଟୋକିଓରେ ଜ୍ୱେରେଭ୍ ଅଲିମ୍ପିକ୍ ଗୋଲ୍ଡ ମଧ୍ୟ ଜିତିଥିଲେ କିନ୍ତୁ ତାଙ୍କ ଖାତାରେ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ନଥିଲା। ଏହା ପୂର୍ବରୁ ଜ୍ୱେରେଭ୍ ୨୦୨୦ ୟୁଏସ୍ ଓପନ୍, ୨୦୨୪ ଫ୍ରେଞ୍ଚ ଓପନ୍ ଏବଂ ୨୦୨୫ ଅଷ୍ଟ୍ରେଲିଆନ୍ ଓପନ୍‌ର ଫାଇନାଲ୍ ମ୍ୟାଚ୍‌ରେ ପରାଜିତ ହୋଇଥିଲେ।

ଟପ୍-ର୍ୟାଙ୍କ୍‌ଧାରୀ ୟାନିକ୍ ସିନର୍ ପ୍ରଥମ ସପ୍ତାହରେ ପ୍ରବଳ ଗରମ ଏବଂ ଆଘାତ (ଇଞ୍ଜୁରୀ) କାରଣରୁ ହାରି ମ୍ୟାଚ୍‌ରୁ ବାହାର ହୋଇଯାଇଥିଲେ। ଏହାପରେ ୨୪ ଥରର ଗ୍ରାଣ୍ଡ ସ୍ଲାମ୍ ଚାମ୍ପିଅନ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ମଧ୍ୟ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ସେବେଠାରୁ ଜ୍ୱେରେଭ୍‌ଙ୍କୁ ବିଜୟର ପ୍ରବଳ ଦାବିଦାର ବୋଲି ମାନାଯାଉଥିଲା। କହି ରଖୁଛୁ ଯେ ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଅଲ୍‌କାରାଜ୍ ଆଘାତ କାରଣରୁ ଏହି ଟୁର୍ଣ୍ଣାମେଣ୍ଟରେ ଖେଳୁନଥିଲେ।

# ଫିଫା ବିଶ୍ୱକପ୍ ପୂର୍ବରୁ ଆମେରିକାରେ ଗୁଳିକାଣ୍ଡ

**ୱାଶିଂଟନ**

ଆମେରିକାର ମିସୁରୀସ୍ଥିତ କାନସାସ୍ ସିଟିରେ ଫିଫା ବିଶ୍ୱକପ୍ ୨୦୨୬ର ବେସ୍ କ୍ୟାମ୍ପ ନିକଟରେ ହୋଇଥିବା ଏକ ଗୁଳିକାଣ୍ଡରେ ୯ ଜଣ ଲୋକ ଆହତ ହୋଇଛନ୍ତି। ଉତ୍ତର ଆମେରିକାରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାର ମାତ୍ର କିଛି ଦିନ ପୂର୍ବରୁ ଏହି ଘଟଣା ଘଟିଛି। ୪୮ଟି ଦଳକୁ ନେଇ ଆୟୋଜିତ ଏହି ବୈଶ୍ୱିକ ଟୁର୍ଣ୍ଣାମେଣ୍ଟରେ ଆମେରିକା, କାନାଡ଼ା ଓ ମେକ୍ସିକୋରେ ମୋଟ ୧୦୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ୧,୨୪୮ ଜଣ ଖେଳାଳି ଭାଗ ନେଉଛନ୍ତି। କାନସାସ୍ ସିଟି ପୋଲିସ୍ ସ୍ପଷ୍ଟ କରିଛି ଯେ ଆହତ ହୋଇଥିବା ସମସ୍ତ ୯ ଜଣଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ। ଆହତମାନଙ୍କ ମଧ୍ୟରୁ ଅତିକମରେ ତିନି ଜଣଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଛି। ତେବେ ଘଟଣାର ଯାଞ୍ଚ ଜାରି ରହିଛି ଏବଂ ଏପର୍ଯ୍ୟନ୍ତ କୌଣସି ସନ୍ଦିଗ୍ଧଙ୍କୁ ହେପାଜତକୁ ନିଆଯାଇ ନାହିଁ। ଏହି ଗୁଳିକାଣ୍ଡ ଘଟଣା ସ୍ୱୋପ୍ ସକର୍ ଭିଲେଜ୍‌ଠାରୁ ପ୍ରାୟ ଚାରି ମାଇଲ୍ ଦୂରରେ ଘଟିଛି। ଯାହା ବିଶ୍ୱକପ୍ ସମୟରେ ଇଂଲଣ୍ଡ ଦଳର ବେସ୍ କ୍ୟାମ୍ପ ଅଟେ। ଇଂଲଣ୍ଡ ଦଳ ଏପର୍ଯ୍ୟନ୍ତ କାନସାସ୍ ସିଟିରେ ପହଞ୍ଚି ନାହିଁ ଏବଂ ବୁଧବାର ଦିନ ଫ୍ଲୋରିଡାର ଓରଲାଣ୍ଡୋଠାରେ ଟୁର୍ଣ୍ଣାମେଣ୍ଟ ପୂର୍ବରୁ କୋଷ୍ଟାରିକା ସହିତ ଏକ ଅଭ୍ୟାସ ମ୍ୟାଚ୍ ଖେଳିବାକୁ ଯାଉଛି। ରିପୋର୍ଟ ଅନୁଯାୟୀ, ଇଂଲଣ୍ଡ ଫୁଟବଲ୍ ଆସୋସିଏସନ୍‌ର ଜଣେ ପ୍ରବକ୍ତା ଏହି ଘଟଣା ଉପରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।


**GOVERNMENT OF ODISHA** 19001/98/2627
**PANCHAYATIRAJ & D.W. DEPARTMENT**
**OFFICE OF THE PANCHAYAT SAMITI, BIRIDI**
‘e’ mail ID : ori-biridi@nic.in
*‘e’ Procurement Notice No.BDO-BPS-01 of 2026-27*

| | | |
|---|---|---|
| 1 | Name of the works | Construction of new stray cattle house / Goshala at Gopinathpur under Gopinathpur GP Biridi Block |
| 2 | Tender Amount (Approx.) | Rs.27.06 Lakh |
| 3 | EMD (online) | Rs.27,100.00 |
| 4 | Tender Paper Cost (online) (Non-Refundable) | Rs.6,000.00 |
| 5 | Class of Contractor | “C”&“B” Class Contractor |
| 6 | Period of Completion | 08 (eight) Calendar Months |

| Procurement Officer | ‘e’ Procurement Notice No. | Availability of Tender | | Last date & time for seeking tender clarification | Date & Time of opening of BID | Place of opening of Bid |
|---|---|---|---|---|---|---|
| | | From | To | | | |
| BLOCK DEVELOPMENT OFFICER, BIRIDI | BDO-BPS-01 / 2026-27 | 08.06.2026 at 10.00 Hours | 19.06.2026 at 17.30 Hours | 17.06.2026 upto 1.00 P.M during office hours on working days | 20.06.2026 upto 11.00 AM during office hours | O/o the Panchayat Samiti, Biridi |

Further details can be seen from the Govt. web site “https://tendersodisha.gov.in
All corrigendum / cancellation of tender if any, will only be uploaded in the above web site
OIPR-19001/19221/1/26-27/0001
Sd/- BLOCK DEVELOPMENT OFFICER, BIRIDI


# କିଚେନ୍ ପ୍ରିମିଅର୍ ଲିଗ୍-୨୦୨୬ ସଂସ୍କରଣର ବିଜେତା ହେଲେ ଶ୍ରଦ୍ଧାଞ୍ଜଳି, ସୁପର୍ଣ୍ଣା ଏବଂ ଅଞ୍ଜନା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଭୁବନେଶ୍ୱର-କଟକ ଦ୍ୱୈତନଗରୀର ବିଭିନ୍ନ ଆବାସିକ ସୋସାଇଟିଗୁଡିକ ମଧ୍ୟରେ ଗତ ଦୁଇ ମାସ ଧରି ଚାଲିଥିବା ରୋମାଞ୍ଚକର ରନ୍ଧନ ପ୍ରତିଯୋଗିତା ପରେ, ପିପିଲିର ଆଡଭେଞ୍ଚର କନଭେନସନ୍ ଆଣ୍ଡ ରିସୋର୍ଟଠାରେ ଗତକାଲି ଅନୁଷ୍ଠିତ ୯୩.୫ ରେଡ୍ ଏଫ୍‌ଏମ୍ କିଚେନ୍ ପ୍ରିମିଅର୍ ଲିଗ୍ (କେପିଏଲ୍) ୨୦୨୬ ସଂସ୍କରଣର ଗ୍ରାଣ୍ଡ ଫାଇନାଲରେ ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ସୁପର୍ଣ୍ଣା ମିଶ୍ର ଏବଂ ଅଞ୍ଜନା ପାତ୍ର ବିଜୟୀ ହୋଇଛନ୍ତି।

ଏହି ଗ୍ରାଣ୍ଡ ଫାଇନାଲରେ ମୋଟ ୨୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଏକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିଥିଲା। ଗତ ଦୁଇ ମାସ ଧରି ବିଭିନ୍ନ ହାଉସିଂ ସୋସାଇଟିରେ ଆୟୋଜିତ ପ୍ରାରମ୍ଭିକ ପର୍ଯ୍ୟାୟରେ ସଫଳତା ହାସଲ କରିବା ପରେ ଏହି ପ୍ରତିଯୋଗିଗଣ ଫାଇନାଲରେ ପହଞ୍ଚିଥିଲେ। ଫାଇନାଲିଷ୍ଟମାନଙ୍କ ମଧ୍ୟରେ ଉତ୍ସାହୀ ହୋମ୍ ଶେଫ୍ ଏବଂ ରୋଷେଇ ପ୍ରେମୀମାନଙ୍କର ଏକ ବିବିଧ ସମାହାର ଥିଲା, ଯେଉଁମାନେ ନିଜର ଅସାଧାରଣ ସୃଜନଶୀଳତା ଓ ରନ୍ଧନ କୌଶଳର ପ୍ରଦର୍ଶନ କରିଥିଲେ।

ଅନ୍ତିମ ପର୍ଯ୍ୟାୟରେ, ପ୍ରତିଯୋଗୀମାନଙ୍କୁ ୯୦ ମିନିଟ୍ ସମୟ ମଧ୍ୟରେ ନିଜ ପସନ୍ଦର ଏକ ବ୍ୟଞ୍ଜନ ପ୍ରସ୍ତୁତ କରିବାକୁ କୁହାଯାଇଥିଲା। ପ୍ରତିଯୋଗୀମାନେ ନୂତନତ୍ୱ, ଉପସ୍ଥାପନା ଶୈଳୀ, ସ୍ୱାଦ ଏବଂ ଉତ୍କୃଷ୍ଟ ରନ୍ଧନ କୌଶଳର ଅପୂର୍ବ ସମନ୍ୱୟ ଦେଖାଇ ପ୍ରତିଯୋଗିତାକୁ ବେଶ୍ ଆକର୍ଷଣୀୟ କରିଥିଲେ। କଠୋର ମୂଲ୍ୟାୟନ ପରେ ପୋଖରୀପୁଟସ୍ଥିତ କୋକିଳା ଗାର୍ଡେନର ଶ୍ରଦ୍ଧାଞ୍ଜଳି ସ୍ୱାଇଁ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ବେଳେ, ପୋଖରୀପୁଟସ୍ଥିତ ପ୍ରିଷ୍ଟିନ୍ ଗ୍ରୀନ୍ସର ସୁପର୍ଣ୍ଣା ମିଶ୍ର ପ୍ରଥମ ରନର୍ସଅପ୍ ଏବଂ ପଟିଆସ୍ଥିତ ରକ୍‌ପୁଲ ହାଇଟ୍‌ସର ଅଞ୍ଜନା ପାତ୍ର ଦ୍ୱିତୀୟ ରନର୍ସଅପ୍ ଭାବେ ବିବେଚିତ ହୋଇଥିଲେ। ଶ୍ରଦ୍ଧାଞ୍ଜଳିଙ୍କ ଶ୍ରୀଜଗନ୍ନାଥଙ୍କ ‘ଛପନଭୋଗ’କୁ ଉତ୍ସର୍ଗୀକୃତ ‘ଛପନଭୋଗ ପ୍ଲାଟର’ ସର୍ବଶ୍ରେଷ୍ଠ ବିବେଚିତ ହୋଇଥିବା ବେଳେ, ସୁପର୍ଣ୍ଣାଙ୍କ ବ୍ରହ୍ମପୁର ଶୈଳୀର ‘ମାଛ ଅମ୍ବିଳ’ ଏହାର ସରଳତା ପାଇଁ ବିଚାରକ ଓ ଦର୍ଶକଙ୍କ ପ୍ରଶଂସା ସାଉଁଟିଥିଲା। ଅଞ୍ଜନା ପାତ୍ରଙ୍କ ‘ପ୍ୟାନ୍-ଇଣ୍ଡିଆ ପ୍ଲାଟର’ ଦେଖିବାକୁ ଯେତିକି ଆକର୍ଷଣୀୟ ଥିଲା, ସ୍ୱାଦରେ ମଧ୍ୟ ସେତିକି ଉତ୍କୃଷ୍ଟ ଥିଲା।

ଆତିଥ୍ୟ ଶିଳ୍ପ କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିତ୍ୱ ଏବଂ ବର୍ତ୍ତମାନ ୱଣ୍ଡରଲା ହଲିଡେଜ୍ ଲିମିଟେଡ୍‌ର ଭୁବନେଶ୍ୱର ପାର୍କ ହେଡ୍ ସମୀର ଅଲିଙ୍କ ନେତୃତ୍ୱରେ ବିଶିଷ୍ଟ ଶେଫ୍ ଓ ଆତିଥ୍ୟ ଶିଳ୍ପର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ନେଇ ଗଠିତ ବିଚାରକ ମଣ୍ଡଳୀ ବ୍ୟଞ୍ଜନଗୁଡ଼ିକର ମୂଲ୍ୟାୟନ କରିଥିଲେ।। ବିଚାରକମାନଙ୍କ ଦ୍ୱାରା ସ୍ୱାଦ, ମୌଳିକତା, ଉପସ୍ଥାପନ, ପରିଚ୍ଛନ୍ନତା ଏବଂ ସାମଗ୍ରିକ ରନ୍ଧନ ଶୈଳୀକୁ ଆଧାର କରି ମୂଲ୍ୟାୟନ କରାଯାଇଥିଲା। ପ୍ରତିଯୋଗିତାର ଶେଷରେ ବିଜେତା ଓ ଫାଇନାଲିଷ୍ଟମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଜେତା ଶ୍ରଦ୍ଧାଞ୍ଜଳି ସ୍ୱାଇଁଙ୍କୁ ୧୦,୦୦୦ ଟଙ୍କା, ପ୍ରଥମ ରନର୍ସ-ଅପ୍ ସୁପର୍ଣ୍ଣା ମିଶ୍ରଙ୍କୁ ୭,୦୦୦ ଟଙ୍କା ଏବଂ ଦ୍ୱିତୀୟ ରନର୍ସଅପ୍ ଅଞ୍ଜନା ପାତ୍ରଙ୍କୁ ୫,୦୦୦ ଟଙ୍କାର ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ସହ ଆୟୋଜକମାନଙ୍କ ପକ୍ଷରୁ ବିଭିନ୍ନ ଉପହାର ଓ ଗିଫ୍ଟ ହ୍ୟାମ୍ପର ମଧ୍ୟ ପ୍ରଦାନ କରାଯାଇଥିଲା।

୯୩.୫ ରେଡ୍ ଏଫ୍‌ଏମ୍ କିଚେନ୍ ପ୍ରିମିଅର୍ ଲିଗ୍ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ଏକ ଅତ୍ୟନ୍ତ ଲୋକପ୍ରିୟ ଓ ସମୁଦାୟ-ଭିତ୍ତିକ ରନ୍ଧନ ପ୍ରତିଯୋଗିତା ଭାବେ ପରିଚିତ ହୋଇପାରିଛି। ଘରୋଇ ମହିଳା, କାର୍ଯ୍ୟରତ ବୃତ୍ତିଜୀବୀ ଏବଂ ଖାଦ୍ୟପ୍ରେମୀମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ରନ୍ଧନ ପ୍ରତିଭାକୁ ଖୋଜି ବାହାର କରିବା ଓ ସମ୍ମାନିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଆବାସିକ ସୋସାଇଟିଗୁଡ଼ିକରେ ଏହି ପ୍ରତିଯୋଗିତାର ଆୟୋଜନ ଦ୍ୱାରା ଏହା ଆଗ୍ରହୀ ଘରୋଇ ଶେଫ୍‌ମାନଙ୍କୁ ନିଜ ପ୍ରତିଭା ପ୍ରଦର୍ଶନ କରିବା ଏବଂ ନିଜ ରନ୍ଧନ କୌଶଳ ପ୍ରଦର୍ଶନ କରିବା ପାଇଁ ଏକ ମଞ୍ଚ ଯୋଗାଇ ଦେଇଛି।

୨୦୨୬ ସଂସ୍କରଣରେ ଭୁବନେଶ୍ୱର-କଟକ ଦ୍ୱୈତନଗରୀର ବିଭିନ୍ନ ହାଉସିଂ ସୋସାଇଟିରୁ ଶତାଧିକ ପ୍ରତିଯୋଗୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଗ୍ରାଣ୍ଡ ଫାଇନାଲ ଏହି ସହରବ୍ୟାପୀ ରନ୍ଧନ ଯାତ୍ରାର ପରିସମାପ୍ତି ଥିଲା, ଯେଉଁଥିରେ ପ୍ରତ୍ୟେକ ଅଞ୍ଚଳର ଶ୍ରେଷ୍ଠ ପ୍ରତିଯୋଗୀମାନେ ନିଜ ଦକ୍ଷତାର ପ୍ରଦର୍ଶନ କରିଥିଲେ।

ଭୁବନେଶ୍ୱର, ୯ ଜୁନ୍, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

# ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ଏତେ ସହଜ ନୁହେଁ: ଏଏସଆଇ ଡିଜି

**କୋଣାର୍କ, ୮/୦୬ ନ୍ୟୁଜ ବ୍ୟୁରୋ**

'ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ଏତେ ସହଜ ନୁହେଁ ।' ବିଶ୍ୱ ପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟ ମନ୍ଦିର ଜଗମୋହନ ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ଏଏସଆଇ ପକ୍ଷରୁ ହୋଇଥିବା ପ୍ରକ୍ରିୟାର ଅନୁଧ୍ୟାନ ବେଳେ ଏପରି କହିଛନ୍ତି ଏଏସଆଇ ଡିଜି । ଏଏସଆଇ ଡିଜି ଡକ୍ଟର ଯଦୁବୀର ସିଂହ ରାୱତଙ୍କ ସମେତ ଏକ ବୈଷୟିକ ଟିମ୍, ସୂର୍ଯ୍ୟ ମନ୍ଦିର କୋର୍ କମିଟି ସଦସ୍ୟ, ଆଇଆଇଟି ଦିଲ୍ଲୀ ଓ ମାଡ୍ରାସର ପ୍ରଫେସରମାନେ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ହୋଇଥିବା ପ୍ରକ୍ରିୟାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ଟିମ୍ ସୂର୍ଯ୍ୟ ମନ୍ଦିରର ପଶ୍ଚିମ ଦିଗରେ ୮୦ ଫୁଟ ଉପରେ ପ୍ରଥମ ପିଢ଼ରେ ମନ୍ଦିର ଗର୍ଭଗୃହ ମଧ୍ୟକୁ ହୋଇଥିବା ଦୁଇଟି ହୋଲ୍ ସ୍ଥାନକୁ ଦେଖିବା ସହ ସ୍ଥିତି ଯାଞ୍ଚ କରିଥିଲେ । ଏହି ଅବସରରେ ଏଏସଆଇ ଡିଜି ଡକ୍ଟର ଯଦୁବୀର ସିଂହ ରାୱତ କହିଛନ୍ତି, 'ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ଏତେ ସହଜ ନୁହେଁ । ଏଥିପାଇଁ ସମୟ ଲାଗିବ । କେବେ ଗର୍ଭଗୃହ ଭିତରୁ ବାଲି କଢ଼ାଯିବ ? ସେନେଇ ବୈଷୟିକ ଟିମ୍ ନିଷ୍ପତ୍ତି ନେବ । ଗର୍ଭଗୃହର ସ୍ଥିତି ଠିକ୍ ଅଛି । ଧିରେ ଧିରେ ଏହି ପ୍ରକ୍ରିୟା ଆଗକୁ ବଢ଼ିବ ।' ଏହି ଟିମ୍‌ରେ ଏଏସଆଇ ଡିଜିଙ୍କ ସହ କୋର କମିଟି ସଦସ୍ୟ ଇଞ୍ଜିନିୟର ଅଶୋକ ବାସା, ପ୍ରତ୍ନତତ୍ତ୍ୱବିତ୍ତ ଡଃ.ଜୀବନ ପଟ୍ଟନାୟକ, ଡଃ.ସୁନୀଲ ପଟ୍ଟନାୟକ, ଡଃ.ଏନ ସି ପାଲ, ଏଏସଆଇ ସୁପରିଟେଣ୍ଡେଣ୍ଟ ମିଳନ କୁମାର ଚାୱେଲଙ୍କ ସମେତ ଏଏସଆଇର ବରିଷ୍ଠ ଇଞ୍ଜିନିୟର ଓ ଆଇଆଇଟି ଦିଲ୍ଲୀ ଓ ମାଡ୍ରାସର ବିଶେଷଜ୍ଞମାନେ ଉପସ୍ଥିତ ରହି ସୂର୍ଯ୍ୟ ମନ୍ଦିରର ସ୍ଥିତି ଯାଞ୍ଚ କରିଥିଲେ । ସେହିପରି ପୁରୀ ଏଏସଆଇ ସର୍କଲ, ସୁପରିଟେଣ୍ଡେଣ୍ଟ ମିଳନ କୁମାର ଚାୱେଲ କହିଛନ୍ତି, 'କୋଣାର୍କ ସୂର୍ଯ୍ୟ ମନ୍ଦିର ଗର୍ଭଗୃହରୁ ବାଲି କାଢ଼ିବା ପାଇଁ ଷ୍ଟୋନ୍ ଡ୍ରେସର, ଷ୍ଟୋନ୍ କଟର, ଆର୍କିଟେକ୍‌ଚରମାନଙ୍କୁ ନିୟୋଜିତ କରାଯାଇଛି । ଏହି କାର୍ଯ୍ୟକୁ ତଦାରଖ କରିବା ପାଇଁ ସପୋର୍ଟ ସିଷ୍ଟମ ଟିମ୍, ଡକ୍ୟୁମେଣ୍ଟସନ ଟିମ୍ ଏବଂ ମେକାନିକାଲ୍ ସପୋର୍ଟ ଟିମ୍ ଗଠନ କରାଯାଇଛି । ପର୍ଯ୍ୟାୟ କ୍ରମେ ଏହି ଟିମ୍ ବିଭିନ୍ନ ଦିଗରୁ ସ୍ଥିତି ଅନୁଧ୍ୟାନ କରି ଗର୍ଭଗୃହରୁ ବାଲି କଢ଼ା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଛନ୍ତି ।'

# ରଥ ଉପରକୁ ଉଠିଲା ୬ କାଠ , ପଡ଼ିଲା ଚତୁର୍ଥ ହରିବୋଲ

**ପୁରୀ, ୮/୦୬ ନ୍ୟୁଜ ବ୍ୟୁରୋ**



୪୯ ଦିନରେ ଚଳଚଞ୍ଚଳ ରଥଖଳା। ସୋମବାର ରଥ ଉପରକୁ ଉଠିଛି ଛଅ କାଠ। ଭୋଇ ସେବକ ପକାଇଛନ୍ତି ଚତୁର୍ଥ ହରିବୋଲ୍।୨୦୪ ସେବକଙ୍କ ଉପସ୍ଥିତିରେ ଚାଲିଛି ନିର୍ମାଣ କାର୍ଯ୍ୟ। ତିନି ରଥରେ ଛନ୍ଦ ଗୟଳ ମୋଡା କାର୍ଯ୍ୟ ଶେଷ ହୋଇ ଯୋଖା ଫିଟିଂ କାର୍ଯ୍ୟ ମଧ୍ୟ ଶେଷ ହୋଇ ସାରିଛି। ୩ ଟି ରଥରେ ସମୁଦାୟ ୪୪ଟି ଯୋଖା ସଂଯୋଗ ହୋଇଛି । ଏହାପରେ ପ୍ରଥମ ଭୂଇଁ ରଥ ଉପରକୁ ଯୋଗାଇ ଦେଇଥିଲେ ଭୋଇ ସେବକ। ସମାନ୍ତରାଳ ଭାବରେ ତିନି ରଥର ଚାଳିରେ କାର୍ଯ୍ୟ ଜାରି ରହିଥିବା ବେଳେ ସୋମବାର ରଥ ଉପରକୁ ୬ କାଠ ଉଠିଛି । ପୂର୍ବରୁ ୬ କାଠ ଫ୍ରେମ୍ ପ୍ରସ୍ତୁତ ସରିଥିଲା। ୬ କାଠି ଉଠିବା ପରେ ଭୋଇ ସେବକମାନେ ଚତୁର୍ଥ ହରିବୋଲ ଦେଇଛନ୍ତି । ଏହାପରେ ଭୂଇଁ ସଂଯୋଗ ସହ ଚଉଦ ନାହାକା ଉଠିବ। ଚଳିତ ବର୍ଷ ଜ୍ୟେଷ୍ଠ ମାସରେ ମଳ ମାସ ବା ଅତିରିକ୍ତ ମାସ ଯୋଗ ହୋଇଥିବା ଯୋଗୁଁ ଏଥର ସଅଳ ଚାଲିଛି ନିର୍ମାଣ କାର୍ଯ୍ୟ ।

ସେପଟେ ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟିରେ ଚିତ୍ର ରୂପ ଖୋଦେଇ ଶେଷ କରିବା ସହ ରୁପ ଗୁଡ଼ିକର ପଲିସ୍ କାର୍ଯ୍ୟ ଶେଷ କରିଛନ୍ତି। ତିନିରଥର ୮ ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଜାରୀ ରହିଛି। ଦୋଳବେଦୀ ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ଯୋକା କଣ୍ଟା ଶେଷ କରି ଭୂଇଁ କଣ୍ଟା, ପୋଟଳ କଣ୍ଟା ନିର୍ମାଣ ଜାରୀ ରଖିଛନ୍ତି। ସେପଟେ ଗୁଳୁଗୁଳିରେ କାମ ଚାଲିଥିବା ବେଳେ କେନ୍ଦ୍ରାଞ୍ଚଳ ପୋଲିସ, ଆଇଜି ରଥ ନିର୍ମାଣ ସମୀକ୍ଷା କରିଛନ୍ତି । ରଥ ନିର୍ମାଣ, ରଥ ଟଣା, ମୋଡ, ବ୍ରେକ ଇତ୍ୟାଦି ବିଷୟରେ ରଥ ମହାରଣା ଓ ଭୋଇ ସେବକଙ୍କ ସହ ଆଲୋଚନା କରିଛନ୍ତି। ଅନ୍ୟପଟରେ ରଥଖଳାରେ ଘୋଳ ଦହି ବାଣ୍ଟିଛନ୍ତି ଆଇଜି ।

ରଥତ୍ରୟରେ ଯୋକା ସ୍ଥାପନ ଶେଷ ହୋଇଛି। ରଥ ଖଳାରେ ତିନି ରଥର ଭୂଇଁ ଫ୍ରେମ୍ ପ୍ରସ୍ତୁତ ହୋଇଛି। ପୂର୍ବରୁ ଭୂଇଁ କାଠଗୁଡ଼ିକୁ କାଟି ରଥଖଳାରେ ସାଇତି ରଖିଥିଲେ ନିର୍ମାଣକାରୀ। ପ୍ରମୁଖ ବିଶ୍ୱକର୍ମାଙ୍କ ନିର୍ଦ୍ଦେଶରେ ଭୂଇଁ କାଠକୁ ଟେକି ଆଣି ଖଞ୍ଜା ଯାଇଥିଲା। ଭୂଇଁରେ ପାଖୁଡ଼ା ଲାଗିଥିଲା। ପାଖୁଡ଼ା ଲାଗିଲେ ରଥ ଫୁଲି ଉଠିବ। ରଥର ସୌନ୍ଦର୍ଯ୍ୟ ବୃଦ୍ଧି ହେବ। ପୂର୍ବରୁ ଦଣ୍ଡାର ଫ୍ରେମ ବଡ଼ଦାଣ୍ଡରେ ପଡ଼ି ତିଆରି ହେଲାଭଳି ରଥଖଳାରେ ପଡ଼ିଛି ଭୂଇଁର ଫ୍ରେମ୍ । ମାପଚୁପ ହୋଇ କାଠରେ ନମ୍ବରିଂ ହେଲା ପରେ ଭୂଇଁର ଫ୍ରେମ ଖୋଲାଯାଇ ରଥରେ ଖଞ୍ଜାଯିବ।

## ୧୦ରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ

# ସମସ୍ତ ନେତାଙ୍କୁ ଉପସ୍ଥିତ ରହିବାକୁ ସୁପ୍ରିମୋଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର ୦୮/୦୬ ନ୍ୟୁଜ ବ୍ୟୁରୋ**




ବିଜେଡି ଡାକିଲା ବଡ଼ ବୈଠକ। ବୁଧବର ଅର୍ଥାତ ୧୦ ତାରଖରେ ବସିବ ବିଜୁ ଜନତା ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବୈଠକରେ ଅଧକ୍ଷତା କରିବେ। ସମସ୍ତ ନେତାଙ୍କୁ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଜେଡି ପକ୍ଷରୁ ଏକ ଗଣମାଧ୍ୟମ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜେଡି ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ, ଆସନ୍ତା ୧୦ ତାରିଖ ଅପରାହ୍ନ ୪ଟା ସମୟରେ ରାଜ୍ୟ ବିଜେଡି କାର୍ଯ୍ୟାଳୟ ଶଙ୍ଖଭବନରେ ଏକ ବୈଠକ ବସିବାକୁ ଯାଉଛି । ଯେଉଁଥିରେ ଗତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କିମ୍ବା ପ୍ରାର୍ଥିନୀ ଭାବେ ଲଢିଥିବା ନେତାମାନଙ୍କୁ ଡକାଯାଇଛି। ଏହି ବୈଠକରେ ଦଳୀୟ ସଭାପତି ସମସ୍ତ ନେତାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଏବଂ ବିଚାରବିମର୍ଶ କରିବେ ।

ସେହିପରି ପୂର୍ବରୁ ଦଳ ତରଫରୁ ଦିଆଯାଇଥିବା ଏସ୍‌ଆଇଆର୍ ସଂପର୍କୀତ କାର୍ଯ୍ୟକ୍ରମର ଅନୁପାଳନ, ବ୍ଲକ ଓ ପୌରାଞ୍ଚଳରେ ସାଂଗଠନିକ କମିଟି ଗଠନ ଓ ନିଆଯାଇଥିବା ଦଳୀୟ କାର୍ଯ୍ୟକ୍ରମ ସଂପର୍କରେ ତଥ୍ୟ ପ୍ରଦାନ କରିବେ । ଏହି ବୈଠକରେ ଦଳୀୟ ନେତାମାନେ ସିଧା ସଭାପତିଙ୍କ ସହ କୌଣସି ବି ପ୍ରସଙ୍ଗରେ ଆଲୋଚନା କରିପାରିବେ ।

ତେବେ ଆଗକୁ ଆସୁଛି ପଞ୍ଚାୟତ ନିର୍ବାଚନ । ଏହାପୂର୍ବରୁ ବିଜେଡି ସବୁ ନେତାମାନଙ୍କୁ ରାଜଧାନୀକୁ ଡାକାରା ହୋଇଛି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ନିଜର ସଂଗଠନକୁ ଆହୁରି ସୁଦୃଢ଼ କରୁଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି ।

# ବିବାହ ପୂର୍ବରୁ ସହମତିରେ 'ଶାରୀରିକ ସଂପର୍କ' ଅପରାଧ ନୁହେଁ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮/୦୬



ବିବାହ ପୂର୍ବରୁ ଗଢ଼ିଉଠୁଥିବା ପ୍ରେମ ସମ୍ପର୍କ ଏବଂ ଶାରୀରିକ ସମ୍ପର୍କକୁ ନେଇ ସୁପ୍ରିମକୋର୍ଟ ଏକ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଆମ ସମାଜରେ ସାଧାରଣତଃ ବିବାହ ପୂର୍ବରୁ କୌଣସି ପୁଅ ବା ଝିଅର କାହା ସହ ଶାରୀରିକ ସମ୍ପର୍କ ଥିଲେ, ତାଙ୍କ ଚରିତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଏ। ମାତ୍ର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଦୁଇଜଣ ପ୍ରାପ୍ତ ବୟସ୍କଙ୍କ ମଧ୍ୟରେ ସହମତିରେ ହୋଇଥିବା ଶାରୀରିକ ସମ୍ପର୍କ କାହାର ଖରାପ ଚରିତ୍ରର ପ୍ରମାଣପତ୍ର ହୋଇପାରିବ ନାହିଁ କିମ୍ବା ଏହାକୁ ଚରିତ୍ର ଉପରେ କଳା ଦାଗ ବୋଲି କୁହାଯାଇପାରିବ ନାହିଁ। ଜଷ୍ଟିସ ମନୋଜ ମିଶ୍ର ଏବଂ ଜଷ୍ଟିସ ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ ତେଲେଙ୍ଗାନା ପୋଲିସ କନଷ୍ଟେବଳ ନିଯୁକ୍ତି ସହ ଜଡ଼ିତ ଏକ ମାମଲାରେ ଗଜୁଲା ତିରୁପତି ନାମକ ଜଣେ ବ୍ୟକ୍ତିଙ୍କ ସପକ୍ଷରେ ଏହି ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି।

ଘଟଣା ଅନୁଯାୟୀ, ଗଜୁଲା ତିରୁପତିଙ୍କର ଚୟନ ପୋଲିସ କନଷ୍ଟେବଳ ପଦ ପାଇଁ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନିଯୁକ୍ତି ବୋର୍ଡ ତାଙ୍କ ପ୍ରାର୍ଥୀତ୍ୱକୁ ରଦ୍ଦ କରିଦେଇଥିଲା। ବୋର୍ଡ ଯାଞ୍ଚ ସମୟରେ ଜାଣିବାକୁ ପାଇଥିଲା ଯେ, ପ୍ରାର୍ଥୀଙ୍କ ବିରୋଧରେ ପୂର୍ବରୁ ଏକ ଅପରାଧିକ ମାମଲା ଥିଲା। ତାଙ୍କ ଉପରେ ଅଭିଯୋଗ ଥିଲା ଯେ, ସେ ପଡ଼ୋଶୀ ଝିଅକୁ ବିବାହର ପ୍ରତିଶ୍ରୁତି ଦେଇ ଦୀର୍ଘ ବର୍ଷ ଧରି ସମ୍ପର୍କ ରଖିଥିଲେ, କିନ୍ତୁ ପରେ ଅନ୍ୟ ଜଣକୁ ବିବାହ କରିଥିଲେ। ତେବେ ଏହି ମାମଲାଟି ୨୦୧୫ ମସିହାରେ ଲୋକ ଅଦାଲତରେ ଆପୋଷ ବୁଝାମଣା ଜରିଆରେ ସମାପ୍ତ ହୋଇସାରିଥିଲା।

ପ୍ରାର୍ଥୀ ଜଣକ ନିଜର ଭେରିଫିକେସନ୍ ଫର୍ମରେ ପୂର୍ବରୁ ଥିବା ଏହି ଅପରାଧିକ ମାମଲା ବିଷୟରେ ନିଜ ଆଡୁ ସମ୍ପୂର୍ଣ୍ଣ ସୂଚନା ଦେଇଥିଲେ। ସେ କୌଣସି ସତ୍ୟ ଲୁଚାଇ ନଥିଲେ। ଏହା ସତ୍ତ୍ୱେ ନିଯୁକ୍ତି ବୋର୍ଡ ତାଙ୍କୁ 'ନୈତିକ ସ୍ଖଳନ' ବା ଖରାପ ଚରିତ୍ରର ଆଖ୍ୟା ଦେଇ ଚାକିରି ପାଇଁ ଅଯୋଗ୍ୟ ଘୋଷଣା କରିଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ କହିଛନ୍ତି ଯେ, କୌଣସି ନିଯୁକ୍ତିଦାତା ପ୍ରାର୍ଥୀଙ୍କ ଯୋଗ୍ୟତା ଆକଳନ କରିପାରିବେ, ମାତ୍ର ସେମାନଙ୍କ ନିଷ୍ପତ୍ତି ମନମୁଖୀ ହେବା ଉଚିତ ନୁହେଁ। କୋର୍ଟ ଅନୁଭବ କଲେ ଯେ, ନିଯୁକ୍ତି ବୋର୍ଡ ଧରି ନେଇଥିଲା କି ଲୋକ ଅଦାଲତରେ ହୋଇଥିବା ବୁଝାମଣା ହେଉଛି ଅପରାଧ ସ୍ୱୀକାର କରିବା, ଯାହାର କୌଣସି ଆଇନଗତ ଆଧାର ନାହିଁ।

ସୁପ୍ରିମକୋର୍ଟ ବର୍ତ୍ତମାନର ସାମାଜିକ ବ୍ୟବସ୍ଥାକୁ ଦର୍ଶାଇ କହିଛନ୍ତି ଯେ, ଆଜିର ସମୟରେ ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରହିବା ଏକ ସାଧାରଣ କଥା। ଦୁଇଜଣ ସହମତ ଥିବା ଅବିବାହିତ ବୟସ୍କ ବ୍ୟକ୍ତି ସେମାନଙ୍କ ପସନ୍ଦ ଅନୁଯାୟୀ ସମ୍ପର୍କ ରଖିପାରିବେ ଏବଂ ଏହାକୁ ରୋକିବା ପାଇଁ ଦେଶରେ କୌଣସି ଆଇନ ନାହିଁ। କୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, କେବଳ ଏହି କାରଣରୁ କୌଣସି ବ୍ୟକ୍ତିର ଚରିତ୍ର ଉପରେ ନକାରାତ୍ମକ ଟିପ୍ପଣୀ କରାଯାଇପାରିବ ନାହିଁ।

ଅଦାଲତ ନିଜ ରାୟରେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ପ୍ରେମ ସମ୍ପର୍କ ଯେ ବିବାହର ରୂପ ନେବ, ତାହା ଜରୁରୀ ନୁହେଁ। ଯଦି କୌଣସି ସମ୍ପର୍କର ପରିଣତି ବିବାହ ହୋଇପାରିଲା ନାହିଁ, ତେବେ ଏହାର ଅର୍ଥ ନୁହେଁ ଯେ, ଜଣେ ପକ୍ଷ ଅନ୍ୟ ପକ୍ଷକୁ ପ୍ରତାରଣା ବା ଧୋକା ଦେଇଛି। ଶେଷରେ, ସୁପ୍ରିମକୋର୍ଟ ନିଯୁକ୍ତି ବୋର୍ଡର ସ୍କ୍ରିନିଂ କମିଟିର ନିଷ୍ପତ୍ତିକୁ ଭୁଲ ଓ ମନମୁଖୀ ବୋଲି ଦର୍ଶାଇଛନ୍ତି। ତେଲେଙ୍ଗାନା ହାଇକୋର୍ଟଙ୍କ ସିଙ୍ଗଲ ବେଞ୍ଚଙ୍କ ଆଦେଶକୁ ବଜାୟ ରଖିବା ସହ ପ୍ରାର୍ଥୀଙ୍କ ନିଯୁକ୍ତି ଉପରେ ପୁନର୍ବାର ବିଚାର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଖାନନଗର ଛକ ନିକଟରେ ଜଳିଗଲା ଆମ୍ବୁଲାନ୍ସ



**କଟକ, ୦୮/୦୬ ନ୍ୟୁଜ ବ୍ୟୁରୋ**

କଟକ ଖାନନଗର ଛକ ନିକଟରେ ଜଳିଗଲା ୧୦୮ ଆମ୍ବୁଲାନ୍ସ। ରୋଗୀ ଓ ଗାଡ଼ି କର୍ମଚାରୀ ସୁରକ୍ଷିତ। ଆମ୍ବୁଲାନ୍ସଟି ଖାନନଗର ଛକରୁ ପୁରୀଘାଟ ଆଡେ ଯାଉଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ତୁରନ୍ତ ସେହି ଆମ୍ବୁଲାନ୍ସରୁ ରୋଗୀଙ୍କୁ ବାହାରକୁ ନିଆ ଯାଇଥିଲା। ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। ଆମ୍ବୁଲାନ୍ସଟି ଯାଜପୁର ଜିଲ୍ଲାର ବଡ଼ଚଣା ଅଞ୍ଚଳରୁ କଟକ ଆସୁଥିଲା। ରବିବାର ରାତି ପ୍ରାୟ ୧ ରେ ରୋଗୀ ନେଇ ଶିଶୁ ଭବନ ଯାଉଥିବା ସମୟରେ ହଠାତ୍ ଜଳିବାକୁ ଲାଗିଥିଲା। ସୌଭାଗ୍ୟ ବଶତଃ କାହାର କିଛି କ୍ଷୟକ୍ଷତି ହୋଇନି। ଆମ୍ବୁଲାନ୍ସରେ ଏକ ଶିଶୁ ଥିଲେ। ପରିବାର ଲୋକ ଶିଶୁକୁ ବାହାରକୁ ନେଇ ଆସିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୦୮/୦୬/୨୦୨୬
୭,୧୮,୮୨୩/- ଟଙ୍କା
ସୁନା:- ୦୧ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୪୯ଗ୍ରାମ୍ ୫୦୦ ମିଲିଗ୍ରାମ

# ଜଗନ୍ନାଥ ଧାମ ପାଇଁ 'ପେଟେଣ୍ଟ' : ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସହ ଜଡିତ ଶବ୍ଦାବଳୀର 'କପି ରାଇଟ୍ସ' ଆବେଦନ କଲା ଶ୍ରୀମନ୍ଦିର ପ୍ରଶାସନ

**ପୁରୀ, ୮/୦୬ ନ୍ୟୁଜ ବ୍ୟୁରୋ**



ଶ୍ରୀମନ୍ଦିର ବ୍ୟତୀତ ଅନ୍ୟ କେହି ମହାପ୍ରସାଦ ନାମ ନେଇ ବିକ୍ରି କରିପାରିବେ ନାହିଁ। ଏହା ଉପରେ ରୋକ୍ ଲାଗିବ। ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସହ ଜଡ଼ିତ ଶବ୍ଦାବଳୀର ପେଟେଣ୍ଟ ବା କପି ରାଇଟ୍ସ ପାଇଁ ଆଇପି ଇଣ୍ଡିଆରେ ଆବେଦନ କରିଛି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର, ଆନନ୍ଦବଜାର, ବଡଦାଣ୍ଡ, ମହାପ୍ରସାଦ, ନୀଳଚକ୍ର ଆଦି ମହାପ୍ରଭୁ ଓ ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀର ଅନ୍ୟତ୍ର ବ୍ୟବହାର ଉପରେ ଲାଗିବ ରୋକ୍ । ବିଶେଷ ଭାବେ ଶ୍ରୀମନ୍ଦିରରେ ବ୍ୟବହୃତ ଭାଷା, ପରମ୍ପରା, ସଂସ୍କୃତିକୁ ସୁରକ୍ଷାକୁ ନେଇ ଏହି ଆବେଦନ ବେଶ୍ ଗୁରୁତ୍ୱ ବହନ କରୁଛି । ଏହି ପେଟେଣ୍ଟ ଆବେଦନକୁ ଧାର୍ମିକ ପରମ୍ପରା ଓ ସଂସ୍କୃତିର ସୁରକ୍ଷା ଉଦ୍ଦେଶ୍ୟରେ ଗୁରୁତ୍ୱପୂର୍ଣ୍ଣ ଭାବେ ଦେଖାଯାଉଛି । ଏନେଇ ଶ୍ରୀମନ୍ଦିର ଚୂନରା ସେବକ କହିଛନ୍ତି, 'ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସମ୍ପର୍କିତ ସମସ୍ତ ଶବ୍ଦାବଳୀ କେବଳ ଶ୍ରୀକ୍ଷେତ୍ର ପୁରୀ ତଥା ମୂଳପୀଠ ପାଇଁ ପ୍ରଯୁଜ୍ୟ। ହେଲେ ଏହି ସବୁ ଶବ୍ଦାବଳୀର ବିଭିନ୍ନ ସ୍ଥାନରେ ବ୍ୟବସାୟୀକରଣ ଚାଲିଛି । ଯାହାକି ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା। ଏଣୁ ମହାପ୍ରଭୁଙ୍କ ସମ୍ପର୍କିତ ସମସ୍ତ ଶବ୍ଦାବଳୀକୁ ପେଟେଣ୍ଟ ମିଳିଲେ ଏହାର ଅପବ୍ୟବହାର ହେବ ନାହିଁ । ଏହାକୁ ଯିଏ ଉଲ୍ଲଂଘନ କରିବ ସିଏ ଦଣ୍ଡିତ ହେବେ । ଏଣୁ ଏଭଳି ପଦକ୍ଷେପକୁ ଆମେ ସ୍ୱାଗତ କରୁଛୁ। ଏହା ଦ୍ୱାରା ଜଗନ୍ନାଥ ସଂସ୍କୃତି ବିକୃତ ହେବନାହିଁ।' ଜଗନ୍ନାଥପ୍ରେମୀ ଚକ୍ରଧର ମହାପାତ୍ର କହିଛନ୍ତି, 'ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସମ୍ପର୍କିତ ସମସ୍ତ ଶବ୍ଦାବଳୀ ମାଦଳା ପାଞ୍ଜି ଓ ଅନ୍ୟାନ୍ୟ ପୁରାଣରେ ଉଲ୍ଲେଖ ରହିଛି। ଏହା କେବଳ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ପାଇଁ ପ୍ରଯୁଜ୍ୟ। ଅନ୍ୟ କୌଣସି ସ୍ଥାନରେ ଏହି ଶବ୍ଦ ବ୍ୟବହାର ହୋଇପାରିବ ନାହିଁ। ଏଣୁ ସବୁ ଶବ୍ଦର ପେଟେଣ୍ଟ ହେବା ଉଚିତ୍। ଏହା ଦ୍ୱାରା ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ସମସ୍ତ ଶବ୍ଦାବଳୀର ଅପବ୍ୟବହାର ଓ ବ୍ୟବସାୟୀକରଣ ହୋଇ ପାରିବ ନାହିଁ। ଶ୍ରୀମନ୍ଦିର ପରିଚାଳନା କମିଟି ଯେଉଁ ନିଷ୍ପତ୍ତି ନେଇଛି, ତାହାକୁ ଆମେ ସ୍ୱାଗତ କରୁଛୁ। କେବଳ ସେତିକି ନୁହେଁ ଶ୍ରୀମନ୍ଦିର ଆଇନରେ ମଧ ପରିବର୍ତ୍ତନ ହେବା ଉଚିତ। କଡା ଆଇନ ରହିଲେ ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ଶବ୍ଦାବଳୀର ଅପବ୍ୟବହାର ରୋକି ହେବ । ସରକାର ଶ୍ରୀମନ୍ଦିର ଆଇନରେ ପରିବର୍ତ୍ତନ ଆଣିବା ଉଚିତ୍।'

ଜଗନ୍ନାଥ୍ ଧାମ୍ ବି ହେବ ପେଟେଣ୍ଟ ଅନ୍ତର୍ଭୁକ୍ତ। କେବଳ ମୂଳପୀଠରେ ହିଁ ବ୍ୟବହୃତ ହୋଇପାରିବ ଜଗନ୍ନାଥ ଧାମ ନାମ । ଖଜା, ମହାପ୍ରସାଦ, ନିର୍ମାଲ୍ୟ ପ୍ରଭୃତି ଅନଲାଇନ୍ ବିକ୍ରି ଉପରେ ଏହି ବ୍ୟବସ୍ଥା ଦ୍ୱାରା ଅଙ୍କୁଶ ଲଗାଯାଇପାରିବ। ମହାପ୍ରଭୁ ଓ ଶ୍ରୀମନ୍ଦିର ସମ୍ପର୍କିତ ସମସ୍ତ ନାମର ବ୍ୟବସାୟୀକ ଉଦ୍ଦେଶ୍ୟରେ ବ୍ୟବହାର ହେଉଥିବାରୁ ଏହାକୁ ନେଇ ସେବାୟତ ଓ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି । ପଶ୍ଚିମବଙ୍ଗ ଦୀଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଏହାକୁ ଜଗନ୍ନାଥ ଧାମ ବୋଲି ବୋର୍ଡ ଲଗାଯିବା ପରେ ଅନେକ ବିବାଦ ସୃଷ୍ଟି ହୋଇଥଲା। ତେବେ ଏଗୁଡ଼ିକ ସବୁ ପେଟେଣ୍ଟ ହେଲେ ଏସବୁ ଉପରେ ରୋକ୍ ଲାଗିପାରିବ ବୋଲି ଆଶା କରାଯାଉଛି।

ଇଣ୍ଡିଆନ ପେଟେଣ୍ଟ ଅଫିସର୍ କଣ୍ଟ୍ରୋଲର ଜେନେରାଲଙ୍କୁ ଗତ ଜୁନ୍ ୧ ତାରିଖରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ନିଜେ ପତ୍ର ଲେଖି ଯଥାଶୀଘ୍ର ଏନେଇ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଶ୍ରୀମନ୍ଦିର ସହ ଜଡ଼ିତ ନାମ ବା ଶବ୍ଦାବଳୀର ପେଟେଣ୍ଟ ମଞ୍ଜୁରୀ ପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ରହିବ ଏହାର କପି ରାଇଟ୍ସ । ଫଳରେ ମୂଳ ପୀଠରେ ହିଁ କେବଳ ବ୍ୟବହୃତ ହୋଇପାରିବ। ଗତ କିଛିଦିନ ତଳେ ଅନଲାଇନରେ ମହାପ୍ରସାଦ ବିକ୍ରି ନେଇ ବିଜ୍ଞାପନ ପ୍ରକାଶ ପାଇଥିଲା। ଏହାକୁ ନେଇ ତୀବ୍ର ବିରୋଧ କରାଯାଇଥିଲା। ଏଣୁ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସହ ଜଡ଼ିତ ନାମ ତଥା ଶବ୍ଦାବଳୀ ଉପରେ ପେଟେଣ୍ଟ ମାନ୍ୟତା ମିଳିବା ପରେ ଶ୍ରୀମନ୍ଦିର, ମହାପ୍ରସାଦ, ଆନନ୍ଦ୍ ବଜାର, ନୀଳଚକ୍ର ଇତ୍ୟାଦି ଶବ୍ଦର ଅପବ୍ୟବହାର ଉପରେ ରୋକ୍ ଲାଗିବ। କେବଳ ଶ୍ରୀମନ୍ଦିର ତଥା ମୂଳପୀଠରେ ହିଁ ଏହି ସବୁ ବ୍ୟବହାର ହୋଇପାରିବ । ଥରେ ପେଟେଣ୍ଟ ମିଳିଲେ ନିୟମ ଅନୁସାରେ ଏହା ଆସନ୍ତା ୨୦ ବର୍ଷ ପାଇଁ କପି ରାଇଟ୍ସ ରହିବ ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ନିଜ ପ୍ରତିକ୍ରିୟାରେ କହିଛନ୍ତି, 'ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସମ୍ପର୍କିତ ଅନେକ ଶବ୍ଦ ଥିବା ବେଳେ ଉକ୍ତ ଶବ୍ଦକୁ ଲୋକମାନେ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରୁଛନ୍ତି। ଏହା ଦ୍ୱାରା ଜଗନ୍ନାଥ ସଂସ୍କୃତି କ୍ଷୁର୍ଣ୍ଣ ହେଉଛି । ଜଗନ୍ନାଥ ସଂସ୍କୃତିର ସୁରକ୍ଷା କରିବା ତଥା ଜଗନ୍ନାଥ ସଂସ୍କୃତିକୁ ବିକୃତିରୁ ରକ୍ଷା କରିବା ପାଇଁ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସମ୍ପର୍କିତ ସମସ୍ତ ଶବ୍ଦାବଳୀର ପେଟେଣ୍ଟ ତଥା କପି ରାଇଟ୍ସ ଆବେଦନ କରାଯାଇଛି । ଆଶା ଅଛି ଏହା ଖୁବ୍‌ଶୀଘ୍ର ଅମକୁ ମିଳିଯିବ। ଏହାପରେ ଶ୍ରୀମନ୍ଦିର ସମ୍ପର୍କିତ ଶବ୍ଦାବଳୀର ଅପବ୍ୟବହାର ରୋକିହେବ।'

# ଅନୁସୂଚିତ ଜାତି କଲ୍ୟାଣ ପରାମର୍ଶଦାତା ବୋର୍ଡର ପୁନର୍ଗଠନ : ମୁଖ୍ୟମନ୍ତ୍ରୀ ରହିଲେ ଅଧକ୍ଷ

**ଭୁବନେଶ୍ୱର, ୮।୬ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଅନୁସୂଚିତ ଜାତି କଲ୍ୟାଣ ପରାମର୍ଶଦାତା ବୋର୍ଡକୁ ରାଜ୍ୟ ସରକାର ପୁନର୍ଗଠନ କରିଛନ୍ତି। ଏସ୍‌ଟି ଏବଂ ଏସ୍‌ସି ବିକାଶ, ଏମ୍ ଆଣ୍ଡ ବିସିଡବ୍ଲୁ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଅନୁସୂଚିତ ଜାତି ଗୁଡ଼ିକର କଲ୍ୟାଣ, ବିକାଶ ଓ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ବୋର୍ଡ ପରାମର୍ଶ ଦେବ। ନୂତନ ବୋର୍ଡର ଅଧକ୍ଷ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରହିଥିବା ବେଳେ ବିଭାଗୀୟ ମନ୍ତ୍ରୀଙ୍କୁ ଉପାଧକ୍ଷ ଦାୟିତ୍ୱ ଦିଆଯାଇଛି। ୧୯୫୭ ମସିହାର 'ଓଡ଼ିଶା ଅନୁସୂଚିତ ଜାତି କଲ୍ୟାଣ ପରାମର୍ଶଦାତା ବୋର୍ଡ ନିୟମାବଳୀ'ର ନିୟମ-୩ ଓ ୫ ଅନୁଯାୟୀ ସରକାର ଏହି ପୁନର୍ଗଠନ କରିଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଏହି ଆଦେଶ ମାଧ୍ୟମରେ ବୋର୍ଡରେ ଲୋକସଭା ସଦସ୍ୟ, ବିଧାୟକ ଏବଂ ବିଭିନ୍ନ ଅଞ୍ଚଳର ପ୍ରତିନିଧିମାନଙ୍କୁ ସଦସ୍ୟ ଭାବେ ସାମିଲ କରାଯାଇଛି। ନୂଆ ବୋର୍ଡରେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ ଏବଂ ଯାଜପୁର ସାଂସଦ ଡ଼. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ସଦସ୍ୟ କରାଯାଇଛି। ସେହିପରି ବଡ଼ସାହିର ସନାତନ ବିଜୁଳି, ନିଆଳିର ଛବି ମଲ୍ଲିକ, ଛେଣ୍ଡିପଦାର ଅଗସ୍ତି ବେହେରା, ଅତାବିରାର ନିହାର ରଞ୍ଜନ ମହାନନ୍ଦ, କଟକ ସଦରର ପ୍ରକାଶ ଚନ୍ଦ୍ର ସେଠୀ, ହିନ୍ଦୋଳର ସିମାରାଣୀ ନାୟକ, ଛତ୍ରପୁରର କୃଷ୍ଣଚନ୍ଦ୍ର ନାୟକ, କୋରାପୁଟର ରଘୁରାମ ମାଛ, ରଘୁନାଥପାଲ୍ଲୀର ଦୁର୍ଗାଚରଣ ତନ୍ତୀ, ତିର୍ତ୍ତୋଲର ଡ଼. ରମାକାନ୍ତ ଭୋଇ ଏବଂ ଖଲ୍ଲିକୋଟର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ବୋର୍ଡ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହାଛଡ଼ା ବୀରମହାରାଜପୁରର ରଘୁନାଥ ଜଗଦଲା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ନୂଆପଡ଼ାର ମନିଜର ଆରିୟା, ଅନୁଗୋଳର ଚନ୍ଦନ ସ୍ୱରାଜ ଏବଂ ମାଲକାନଗିରିର ନିମାଇ ଚନ୍ଦ୍ର ପାଲଙ୍କୁ ମଧ ସଦସ୍ୟ ଭାବେ ସ୍ଥାନ ମିଳିଛି। ବିଭାଗର ପ୍ରଧାନ ସଚିବ/କମିଶନର-ତଥା-ସଚିବ ବୋର୍ଡର ସଚିବ (ରଘଂ-କ୍ଟଲଲସମସକ୍ଟ) ଭାବେ କାର୍ଯ୍ୟ କରିବେ। ଅନୁସୂଚିତ ଜାତି ସମ୍ପ୍ରଦାୟଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଉନ୍ନତି ସମ୍ପର୍କିତ ବିଭିନ୍ନ ନୀତି, ଯୋଜନା ଓ କାର୍ଯ୍ୟକ୍ରମ ଉପରେ ସରକାରଙ୍କୁ ପରାମର୍ଶ ଦେବା ଏହି ବୋର୍ଡର ପ୍ରମୁଖ ଦାୟିତ୍ୱ ହେବ। ଏସ୍‌ସି ସମ୍ପ୍ରଦାୟଙ୍କ ପାଇଁ ଚାଲୁଥିବା କଲ୍ୟାଣମୂଳକ ଯୋଜନାର ଅଗ୍ରଗତି, ସମସ୍ୟା ଓ ସମାଧାନ ସମ୍ପର୍କରେ ବୋର୍ଡ ନିୟମିତ ଭାବେ ସରକାରଙ୍କୁ ମତାମତ ପ୍ରଦାନ କରିପାରିବ। ନୂତନ ବୋର୍ଡରେ ସାଂସଦ, ବିଧାୟକ ଓ ବିଭିନ୍ନ ଜିଲ୍ଲାର ସାମାଜିକ ପ୍ରତିନିଧିମାନଙ୍କୁ ସ୍ଥାନ ଦିଆଯାଇଥିବାରୁ ଅନୁସୂଚିତ ଜାତି ସମ୍ପ୍ରଦାୟର ବିଭିନ୍ନ ଅଞ୍ଚଳଭିତ୍ତିକ ସମସ୍ୟା ଓ ଆବଶ୍ୟକତା ସରକାରଙ୍କ ନଜରକୁ ଆସିବାର ସୁଯୋଗ ବଢ଼ିବ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଓପିଏସ୍‌ସି ପରୀକ୍ଷାରେ କପି : ପରୀକ୍ଷାର୍ଥୀଙ୍କ ସମେତ କପି ଯୋଗାଉଥିବା ଯୁବକ ଗିରଫ

**କଟକ, ୦୮/୦୬ ନ୍ୟୁଜ ବ୍ୟୁରୋ**

ଓପିଏସ୍‌ସି ପରୀକ୍ଷାରେ କପି କରି ଗିରଫ ହେଲେ ପରୀକ୍ଷାର୍ଥୀ ଏବଂ କପି ଯୋଗାଉଥିବା ଯୁବକ । ଓପିଏସସି ଭଳି ପରୀକ୍ଷାରେ କୌଶଳପୂର୍ଣ୍ଣ ଭାବେ କପି କରିବା ଏବଂ ଯୋଗାଇବା ଜଣାପଡିଛି। କପି କରିବା ତରିକା ଥିଲା ପୂରା ଫିଲ୍ମ ଷ୍ଟାଇଲ୍ ଭଳି । ପରୀକ୍ଷାର୍ଥୀଙ୍କ ପ୍ୟାଣ୍ଟ ଭିତରେ ଥିଲା ଫୋନ୍। କାନରେ ଥିଲା ଇୟରବଡ୍ । ଫୋନ୍ କଲ୍‌ରେ ଡକାଯାଉଥିଲା ପ୍ରଶ୍ନ। ଆଉ ପ୍ରଶ୍ନ ଶୁଣି ଗୁଗୁଲ୍ ସର୍ଚ୍ଚ କରି ସେଣ୍ଟର ବାହାରେ ୩ ଯୁବକ ଦେଉଥିଲେ ତମାମ ଉତ୍ତର । ପୂରା ବଲିଉଡ୍ ଫିଲ୍ମ ଢାଞ୍ଚାରେ ଓଡ଼ିଶା ପ୍ରଶାସନିକ ସେବା (ଓପିଏସ୍‌ସି) ପରୀକ୍ଷାରେ କରାଯାଉଥିଲା କପି । ହଠାତ୍ ସ୍କ୍ୱାଡ୍ ପଶି ଯାଞ୍ଚ କରିବାରୁ ଧରାପଡ଼ିଗଲେ ପରୀକ୍ଷାର୍ଥୀ ଅଭିଷେକ ରାଉତ । ତୁରନ୍ତ ସେଣ୍ଟରରୁ ବାହାର କରି ମର୍କତନଗର ଥାନା ପୋଲିସ ଜିମା ଦିଆଗଲା ସଂପୃକ୍ତ ପରୀକ୍ଷାର୍ଥୀଙ୍କୁ । ଅନ୍ୟପଟେ ପରୀକ୍ଷା ସମୟରେ ଅଭିଷେକଙ୍କୁ କପି ଯୋଗାଉଥିବା ରୂପେଶ ଝା, ଆଲେକ୍ସ ରାଜ ପାଣି ଓ ସୌମ୍ୟ ରଞ୍ଜନ ସାହୁଙ୍କୁ ଗିରଫ କରିଛି କଟକ କମିଶନରେଟ ପୋଲିସ । କପି କରିବାରେ ସହଯୋଗ କରୁଥିବା କାରଣରୁ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ। ଜୋନ୍-୨ ଏସପି ଗିରିଜା ଶଙ୍କର ଚକ୍ରବର୍ତ୍ତୀଙ୍କ ସୂଚନା ମୁତାବକ ମର୍କତନଗର ଥାନା ଅନ୍ତର୍ଗତ ଏବିଆଇଟି ଇଂଜିନିୟରିଂ କଲେଜରେ ଓପିଏସ୍‌ସି ସେଣ୍ଟର ହୋଇଥିଲା। ଉକ୍ତ ସେଣ୍ଟରରେ ଶତାଧିକ ଆଶାୟୀ ପରୀକ୍ଷା ଦେଉଥିଲେ । ସେମାନଙ୍କ ମଧ୍ୟରେ ଅଭିଷେକ ମଧ୍ୟ ପରୀକ୍ଷା ଦେଉଥିଲେ । ରବିବାର ପରୀକ୍ଷା କିଛି ସମୟ ଚାଲିବା ପରେ ହଠାତ୍ ସେଣ୍ଟର ମଧ୍ୟକୁ ସ୍କ୍ୱାଡ୍ ଆସି ତଦାରଖ କରିଥିଲେ । ଇତିମଧ୍ୟରେ ଗତିବିଧି ନେଇ ସ୍କ୍ୱାଡ୍‌ର ସନ୍ଦେହ ହୋଇଥିଲା । ତେଣୁ ସ୍କ୍ୱାଡ୍ ସେଠାରେ ଯାଞ୍ଚ୍ କରିବାରୁ ଯୁବକଙ୍କ କାନ ତଳୁ ଏକ ଇୟର୍ ବଡ୍ ଓ ପ୍ୟାଣ୍ଟ ମଧ୍ୟରୁ ଏକ ସ୍ମାର୍ଟଫୋନ୍ ମିଳିଥିଲା। ଏହି ସମୟରେ ଏକ କଲ୍ ଚାଲିଥାଏ। ଜଣେ ଯୁବକଙ୍କ ସହିତ କଲ୍ କନେକଟେଡ୍ ରହିଥାଏ। ସ୍କ୍ୱାଡ୍ ସଦସ୍ୟ ତୁରନ୍ତ ଉକ୍ତ ଯୁବକଙ୍କୁ ସେଣ୍ଟରରୁ କାଢ଼ିଦେଇ ପୋଲିସ ଜିମା ଦେଇଥିଲେ। ଏହାପରେ ପୋଲିସ ନମ୍ବରକୁ ଟ୍ରାକ କରି ଅନ୍ୟ ସମ୍ପୃକ୍ତ ଯୁବକଙ୍କୁ ଧରିଥିଲା। ଦୁଇ ଯୁବକଙ୍କୁ ଥାନାକୁ ନେଇ ଜେରା କରିବା ପରେ ସଂପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ କରିଥିଲା ପୋଲିସ ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

